ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25. No.293 Bhubaneswar Sunday January 08, 2023 ୨୫ତମ ବର୍ଷ ସଂଖ୍ୟା-୨୯୩ ଭୁବନେଶ୍ୱର, ରବିବାର, ଜାନୁଆରୀ ୦୮,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ମହାନଦୀ ବିବାଦ: ୧୬ରେ ଓଡିଶା ଓ ଛତିଶଗଡ ବୈଷୟିକ ଟିମ୍ ସହ ବୈଠକ



**ଭୁବନେଶ୍ୱର(ପିଏନ):** ମହାନଦୀ ଜଳ ବିବାଦ ମାମଲାରେ ଓଡିଶା ଓ ଛତିଶଗଡର ବୈଷୟିକ ଟିମ୍ ସହ ପୁଣିଥରେ କ୍ଷମତାସମ୍ପନ୍ନ କମିଟିକୁ ବୈଠକ କରିବା ନିମନ୍ତେ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଆସନ୍ତା ୧୬ ତାରିଖରେ ଓଡିଶା ଓ ଛତିଶଗଡ ରାଜ୍ୟର ବୈଷୟିକ ଟିମ୍ ସହ ତାଙ୍କ ଦ୍ୱାରା ନିଯୁକ୍ତି କ୍ଷମତାସମ୍ପନ୍ନ କମିଟିକୁ ଆଲୋଚ଼ନା କରିବାକୁ କହିବା ସହ ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୮ ତାରିଖରେ ଧାର୍ଯ୍ୟ କରିଛନ୍ତି । ମିଳିଥିବା ସୂଚ଼ନା ଅନୁସାରେ, ଟ୍ରିବ୍ୟୁନାଲ ୨୦୨୨ ଅକ୍ଟୋବର ୨୮ତାରିଖରେ ଓଡିଶା ଓ ଛତଶଗଡ ସରକାରଙ୍କ ବୈଷୟିକ ଟିମ ଉପସ୍ଥାପନ କରିଥିବା ତଥ୍ୟ ସମ୍ପର୍କରେ ଅବଗତ ହୋଇଥିଲେ । ତେବେ ଇତିମଧ୍ୟରେ ଟ୍ରିବ୍ୟୁନାଲ ଅନେକ ଥର ଶୁଣାଣି କରିବା ପରେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରୁନି । ମହାନଦୀର ଜଳସ୍ତରକୁ ଦୃଷ୍ଟିରେ ରଖି ଦୁଇ ରାଜ୍ୟ ମଧ୍ୟରେ ଜଳ ବାଂଟିବାର ଫର୍ମୂଲାକୁ ଏବେ ଟ୍ରିବ୍ୟୁନାଲ ଅନ୍‌ୱେଷଣ କରୁଥିବା ଜଣାପଡିଛି ।

ସୂଚ଼ନାଯୋଗ୍ୟ, ମହାନଦୀରେ ଜଳସ୍ତର ହ୍ରାସ ପାଇବା ଓ ତଳମୁଣ୍ଡରେ ନଦୀ ଶୁଖିଲା ପଡିବାରୁ ଓଡିଶା ସରକାର ୨୦୧୬ ନଭେମ୍ବର ୧୯ତାରିଖରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟରେ ଏକ ଅଭିଯୋଗ ଦାଖଲ କରିଥିଲେ । ଏହାସହିତ କେନ୍ଦ୍ର ସରକାର ଦୁଇ ରାଜ୍ୟ ମଧ୍ୟରେ ସହମତି ଆଣିବାରେ ବିଫଳ ହେବା ପରେ ମହାନଦୀ ଜଳକୁ ନେଇ ଉଭୟ ଓଡିଶା ଓ ଛତିଶଗଡ ମଧ୍ୟରେ ବିବାଦର ସମାଧାନ ପାଇଁ ୨୦୧୮ ମାର୍ଚ୍ଚ ୧୨ରେ କେନ୍ଦ୍ର ସରକାର ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ ।

## ଭୁବନେଶ୍ୱରରୁ ରାଉରକେଲାକୁ ବିମାନ ଉଡ଼ାଣର ଶୁଭାରମ୍ଭ

■ ଭର୍ଚ୍ଚୁଆଲରେ ଉଦଘାଟନ କଲେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

■ ପତାକା ଦେଖାଇଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ






**ଭୁବନେଶ୍ୱର, (ପିଏନ)-** ଭୁବନେଶ୍ୱରରୁ ରାଉରକେଲାକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। ଏହାକୁ ନୂଆଦିଲ୍ଲୀରୁ ଭର୍ଚ୍ଚୁଆଲରେ ଉଦଘାଟନ କରିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସେହିପରି ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ଜୋଧପୁରରୁ ସାମିଲ । କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା ବିମାନବନ୍ଦରରେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ଏହି ବିମାନସେବା କାର୍ଯ୍ୟକାରୀ ହୋଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଛାଡ଼ିଲା ପରେ ବିମାନଟି ପୂର୍ବାହ୍ନ ୧୧ଟା ୪୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବ। ଏହାପରେ ମଧ୍ୟାହ୍ନ ୧୨ଟା ୫ରେ ବିମାନ ରାଉରକେଲାରୁ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ନ ୧ଟାରେ ପହଞ୍ଚିବ। ଆସନ୍ତା ୧୨ତାରିଖରୁ ଏହି ବିମାନ ଦୈନିକ ଉଡାଣ କରିବ। ପ୍ରତିଦିନ ଅପରାହ୍ଣ ୨ଟା ୫୫ରେ ବିମାନ ଭୁବନେଶ୍ୱରରୁ ଛାଡ଼ି ୩ଟା ୫୦ରେ ରାଉରକେଲାରେ ପହଞ୍ଚିବ। ରାଉରକେଲାରୁ ଅପରାହ୍ଣ ୪ଟା ୧୫ରେ ବାହାରି ଭୁବନେଶ୍ୱରରେ ୫ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରୁ ରାଉରକେଲା ବିମାନ ଭଡ଼ା ୨୮୦୩ ଟଙ୍କା ରହିଛି। ସେହିପରି ରାଉରକେଲାରୁ ଭୁବନେଶ୍ୱର ବିମାନର ଟିକେଟ୍ ମୂଲ୍ୟ ୨୭୨୧ ଟଙ୍କା ରଖାଯାଇଛି। ବିମାନରେ ୭୨ସିଟ୍ ରହିଥିବା ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ଏହି ବିମାନସେବା ଆରମ୍ଭ ହେବା ପରେ ବହୁଦିନର ଆଶା ପୂରଣ ହୋଇଛି ବୋଲି ମତ ପ୍ରକାଶ ପାଇଛି।

## ଓଡିଶାରେ ଖୋଲିବ ଡିପିସିଆଇ:ଚିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର, (ପିଏନ)-** ଏକ ଅତ୍ୟାଧୁନିକ ଡାଟା, ପଲିସି ଏବଂ ଇନୋଭେସନ୍ ସେଂଟର (ଡିପିସିଆଇ) ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାର ଭାରତର ଚିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଯାହା ଇକୋନୋମେଟ୍ରିକ୍ସ, ଡାଟା ସାଇନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ପରି ନୂତନ ଜ୍ଞାନକୌଶଳ ଉପଯୋଗରେ ଏହା କଠୋର, ପ୍ରମାଣ ଭିତିକ ଶାସନକୁ ସକ୍ଷମ କରିବ। ଏହି ସହଭାଗୀତାରେ ଚିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନୀମାନେ ନିୟୋଜିତ ହୋଇ ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରୁ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ନୀତି ସମ୍ବନ୍ଧରେ ବିଶ୍ଳେଷଣାତ୍ମକ ଏବଂ ମୂଲ୍ୟାଙ୍କନ ଭିତିକ ତଥ୍ୟ ପ୍ରଦାନ କରିବ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରିଡ଼ା ଓ ଯୁବସେବା ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂଏମ୍ .ଡି.ଓକାକ୍ ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ମନୋଜ ପଟ୍ଟନାୟକ ସି.ଇ.ଓ. ଓକାକ୍ ଓ ଚିକାଗୋ ବିଶ୍ୱବିଦ୍ୟାଳୟ ସେଂଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. ଲେନି ଚୌଧୁରୀଙ୍କ ମଧ୍ୟରେ ଶନିବାର ଭୁବନେଶ୍ୱରରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଡିପିଆଇସି ଅନେକ ଉତ୍ସରୁ 'ବଡ ତଥ୍ୟ ସଂଗ୍ରହ କରିବ, ସମସାମୟିକ ଅର୍ଥନୀତି ଏବଂ ପରିସଂଖ୍ୟାନ ମଡେଲ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରିବା ଏବଂ ଆବଶ୍ୟକ ସୃଜନଶୀଳ ନୀତି ଉତ୍ପାଦନ ସହ ଏହା ଉତ୍କର୍ଷର କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ସଚିବ ମନୋଜ ପଟ୍ଟନାୟକ କହିଛନ୍ତି। ଏହି ସହଭାଗୀତା ଅନୁଯାୟୀ, ଚିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଏବଂ ଜଳ ଏବଂ ପରିମଳ ଇତ୍ୟାଦି କ୍ଷେତ୍ରରେ ଅନୁସନ୍ଧାନ, ମନିଟରିଂ, ପ୍ରଭାବ ମୂଲ୍ୟାଙ୍କନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବେ। ଏଥିସହ ଏହି ସହଭାଗୀତା ଦକ୍ଷ ମାନବ ସମ୍ବଳ ତଥା ପ୍ରତିଷ୍ଠାନର ବିକାଶ ସହ ଆଧୁନିକ ତଥ୍ୟ ବିଶ୍ଳେଷଣ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ହବ୍ ସୃଷ୍ଟି କରିବ।

ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତି ନୀତି ପ୍ରତିଷ୍ଠାନର ବରିଷ୍ଠ ତଥା ଏହି ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ପରାମର୍ଶଦାତା ଡକ୍ଟର ଅନନ୍ତ ସୁଦର୍ଶନ କହିଛନ୍ତି, 'ଏହି କାର୍ଯ୍ୟକ୍ରମ ଅଧୀନରେ କଠୋର, ପ୍ରମାଣ ଭିତିକ ଶାସନକୁ ସକ୍ଷମ କରିବାକୁ ଆମେ ବିଶ୍ଳେଷଣ କରିଥିବା ତିନି-ପ୍ରଗତିଶୀଳ ରଣନୀତି ବେଶ ସହାୟକ ହେବ। ଆମେ ଅଭିନବ ନୀତି ଚିନ୍ତାଧାରା ଉପରେ ପ୍ରୟୋଗ ହୋଇଥିବା ଅନୁସନ୍ଧାନରେ ଆମର ପାରଦର୍ଶୀତା ଆଣିବାକୁ ଲକ୍ଷ୍ୟ ରଖିଛୁ। ଯାହା ସାମର୍ଥ୍ୟ ବୃଦ୍ଧି ତଥା ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାକୁ ହ୍ରାସ କରିବ।' ଏହି ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି ଚିକାଗୋ ବିଶ୍ୱବିଦ୍ୟାଳୟ ସେଂଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. ଲେନି ଚୌଧୁରୀ କହିଛନ୍ତି, 'ଆମେ ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଭିନବ ଷ୍ଟାର୍ ରେଟିଙ୍ଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ସହ ହାତ ମିଶାଇ ଥିଲୁ। ବର୍ତ୍ତମାନର ସହଭାଗିତା ମାଧ୍ୟମରେ ବୃହତ ଡାଟା ବ୍ୟବହାରରେ ନୂଆ ତଥା ଅଭିନବ ସମାଧାନ ଆଣିବା ନେଇ ବହୁତ ଉତ୍ସାହିତ ଅଛୁ।'

## ୨୦୨୪ ଅକ୍ଟୋବର ପୂର୍ବରୁ ତାଳଚେର ୟୁରିଆ ପ୍ଲାଂଟ

**ତାଳଚେର/ଭୁବନେଶ୍ୱର, (ପିଏନ)-** ଦେଶର ସର୍ବ ବୃହତ୍ ତଥା ପ୍ରଥମ ତାଳଚେର କୋଲ ଗ୍ୟାସିଫିକେସନ୍ ବେସଡ୍ ୟୁରିଆ ପ୍ଲାଂଟର କାର୍ଯ୍ୟ ଜୋରସୋରରେ ଚାଲିଛି। ୨୦୨୪ ଅକ୍ଟୋବର ପୂର୍ବରୁ ଏହା ଲୋକାର୍ପିତ ହେବ ବୋଲି ତାଳଚେର ଫର୍ଟିଲାଇଜର ଲିମିଟେଡ଼ର ପ୍ଲାଂଟ ପରିଦର୍ଶନ ଓ ସମୀକ୍ଷା ଅବସରରେ କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ସାର ଓ ରସାୟନ ମନ୍ତ୍ରୀ ମନସୁଖ ମଣ୍ଡାଭିୟା। କୋଲ୍ ଗ୍ୟାସିଫିକେସନ୍ ଦ୍ୱାରା ଦେଶର ଶକ୍ତି ଚାହିଦା ପୂରଣ ହୋଇପାରିବ। ଏହାସହ ୟୁରିଆ ଉତ୍ପାଦନ କ୍ଷେତ୍ରରେ ଓଡିଶା ଆତ୍ମନିର୍ଭର ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଏହା ୟୁରିଆ ଉତ୍ପାଦନ କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବା ସହ, ଚାଷୀଙ୍କ ସୁବିଧା ଏବଂ ଭାରତକୁ ଆତ୍ମନିର୍ଭର କରିବ । ୧୭୦୦୦ କୋଟି ଟଙ୍କା ବିନିଯୋଗରେ ତିଆରି ଚାଲିଥିବା କୋଲ ଗ୍ୟାସିଫିକେସନ ଟେକ୍ନୋଲୋଜି ଆଧାରିତ ତାଳଚେର ସାର କାରଖାନା। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଭାରତରେ ଅପାର କୋଇଲା ଗଚ୍ଛିତ ଅଛି। ପର୍ଯ୍ୟାବରଣ ସମସ୍ୟାକୁ ଧ୍ୟାନରେ ରଖି ବିଜୁଳି ଉତ୍ପାଦନ ରେ ବିନିଯୋଗ କରଯିବ। କୋଲ୍ ରୁ ଗ୍ୟାସ୍ ପ୍ରକଳ୍ପ ଟେକ୍ନୋଲୋଜିକୁ ଭାରତରେ ବିନିଯୋଗ କରି କୋଲ ଇଣ୍ଡିଆ, ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଓ ରାଷ୍ଟ୍ରୀୟ ଫର୍ଟିଲାଇଜର କର୍ପୋରେସନ୍ ର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି।

ଉଭୟ କେନ୍ଦ୍ର ମନ୍ତ୍ରୀ ସେଠାରେ ପହଂଚିବା ପରେ ବରିଷ୍ଠ ଅଧିକାରୀ ମାନଙ୍କ ସହ ତାଳଚେର ଫର୍ଟିଲାଇଜର ଲିମିଟେଡ଼ର ପ୍ଲାଂଟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିବା ଜଣା ପଡିଛି। ଉଭୟ କେନ୍ଦ୍ର ମନ୍ତ୍ରୀ ପ୍ଲାଂଟ ପରିସରରେ ବୃକ୍ଷ ରୋପଣ କରଥିଲେ।

ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ମନସୁଖ ଭାଇ ମଣ୍ଡାଭିୟା ଓ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ପହଂଚିଥିଲେ । ଏଫସିଆଇ ଟାଉନସିପରେ ଥିବା ସେଂଟ୍ରାଲ ସ୍କୁଲ ପଡିଆରେ ହେଲିପ୍ୟାଡ଼ରେ ସେମାନଙ୍କର ହେଲିକପ୍ଟର ଅବତରଣ କରିଥିଲା।

## ଏମ୍‌ସ ଭୁବନେଶ୍ୱରର ୪ର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବ

## ଏମ୍ସ ଭୁବନେଶ୍ୱର ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଡୁଆଲ ଡିଗ୍ରୀ ବ୍ୟବସ୍ଥା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




**ଭୁବନେଶ୍ୱର,(ପିଏନ):** ଏମ୍ସ ଭୁବନେଶ୍ୱର ଓ ଆଇଆଇଟି ଭୁବନେଶ୍ୱର ମିଳିତ ଭାବରେ ଡୁଆଲ ଡିଗ୍ରୀ ବ୍ୟବସ୍ଥା କରିବା ପାଇଁ ଏମ୍‌ସ ଭୁବନେଶ୍ୱରର ୪ର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଇଆଇଟି ଜାମ୍ମୁ ଓ ଏମ୍ସ ଜାମ୍ମୁ ମଧ୍ୟରେ ସାଢେ ୪ ବର୍ଷିଆ ଡୁଆଲ ଡିଗ୍ରୀ ଦେବାର ଏକ ବ୍ୟବସ୍ଥା ହୋଇଛି । ଇଞ୍ଜିନିୟରି ଓ ମେଡିକାଲ ସାଇନ୍ସରେ ଡିଗ୍ରୀ ବ୍ୟବସ୍ଥା ଦ୍ୱାରା ଉଭୟ ଆଇଆଇଟି ଓ ମେଡିକାଲ ଛାତ୍ରଛାତ୍ରୀମାନେ ଲାଭବାନ ହେବେ । ଇଞ୍ଜିନିୟର ପାଠ୍ୟକ୍ରମ ସଂସ୍ପର୍ଶରେ ଆସିବା ଦ୍ୱାରା ବିଶେଷତଃ ଶେଷ ବର୍ଷର ମେଡିସିନ ଏବଂ ସର୍ଜରି ବିଭାଗର ମେଡିକାଲ ଛାତ୍ରଛାତ୍ରୀ ମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ହେବ । ସେହିପରି ଆଇଆଇଟି ଇଞ୍ଜିନିୟରମାନେ ମେଡିକାଲ ବିଜ୍ଞାନ ସମ୍ପର୍କରେ ପାଠ ପଢିଲେ ସେମାନେ ମେଡିକାଲ ଉପକରଣ ତଥା ଏହି କ୍ଷେତ୍ରରେ ଇନୋଭେସନ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ ।

ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣପଦକ ପାଇଥିବା ଶ୍ରେଷ୍ଠ ୪୦ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଯେ ଜଣେ ଡାକ୍ତରଙ୍କ ପୁଅ ଭାବରେ ଡାକ୍ତରଙ୍କ ଦାୟିତ୍ୱକୁ ମୁଁ ଭଲ ଭାବେ ଜାଣେ । ଡାକ୍ତରଙ୍କ ସ୍ନେହ ଓ ମଧୁର କଥା ରୋଗୀଙ୍କୁ ଭଲ କରିଦେବ । ଡାକ୍ତରଙ୍କ ପରିଶ୍ରମ କାରଣରୁ ଆଜି ଦେଶ ସୁରକ୍ଷିତ ହୋଇଛି ।

ପ୍ରତି ବର୍ଷ ଏମ୍ସ ପରିସରରେ ୫୦୦୦ ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ କ୍ୟାମ୍ପସକୁ ଅଙ୍ଗାରକାମ୍ଳ ରହିତ ପରିବେଶ କରିବା ଦରକାର । ପ୍ଲାଷ୍ଟିକ ମୁକ୍ତ ସହ ସ୍ୱଚ୍ଛ ରଖିବା ଦରକାର । ସେହିପରି ଓଡିଶାରେ ୫ଜି ଟେଲିକମ ସେବାର ଶୁଭାରମ୍ଭ ହୋଇସାରିଥିବା ବେଳେ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ରୋବଟିକ୍ସ ମାଧ୍ୟମରେ ଅପରେସନ କରିବାରେ ଭୁବନେଶ୍ୱର ଏମ୍ସ ସଫଳତା ଆଣିବା ପାଇଁ ଆହ୍ୱାନ କରିଛନ୍ତି । ଏହାବ୍ୟତିତ ମାତୃଭାଷାରେ ଶିକ୍ଷାର ପ୍ରାଧାନ୍ୟକୁ ଗୁରୁତ୍ୱ ଉପରେ ଶ୍ରୀ ପ୍ରଧାନ କହିବା ସହ ଆଗାମୀ ଦିନରେ ମେଡିକାଲ ସାଇନ୍ସର ସମସ୍ତ ବହିକୁ ମାତୃଭାଷାରେ ଅନୁବାଦ କରାଯିବା ନେଇ ସୂଚ଼ନା ଦେଇଛନ୍ତି।

ଏମ୍ସର କଳ୍ପନା ପାଇଁ ଦେଶର ଅଦ୍ୱିତୀୟ ନେତା, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ ବାଜପେୟୀ, ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ସୁଷମା ସ୍ୱରାଜ, ତତ୍କାଳୀନ ଶିକ୍ଷା ମନ୍ତ୍ରୀ ମୁରଲୀ ମନୋହର ଯୋଶୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମ୍ସର ଭିତ୍ତିପ୍ରସର କରାଯାଇଥିଲା । ଏମ୍ସ ଆଜି ଅନେକ ସଫଳତା ସାଉଁଟିଛି । ଆଜି ଏମ୍ସ ଭୁବନେଶ୍ୱରରେ ଲୋକାର୍ପିତ ୩୬ ଶଯ୍ୟାବିଶିଷ୍ଟ ବର୍ନ ସେଣ୍ଟରରେ ସହଯୋଗୀ ହୋଇଥିବାରୁ ଏନଟିପିସିକୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏମସ ଭୁବନେଶ୍ୱରରେ ମଧ୍ୟ ୧୫୦ ଶଯ୍ୟାବିଶିଷ୍ଟ ଏକ ଅତ୍ୟାଧୁନିକ କ୍ରିଟିକାଲ କେୟାର ହସ୍ପିଟାଲ ବିଲଡିଂର ଶିଳାନ୍ୟାସ ଖୁସିର ବିଷୟ ବୋଲି ସେ କହିଛନ୍ତି ।

ଆଜି ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଜାତିସଂଘ ୨୦୨୩କୁ ଇଣ୍ଟରନାଲନାଲ ମିଲେଟ ବର୍ଷ ଭାବେ ଘୋଷଣା କରିଛି । ଏହି କ୍ରମରେ ଏମ୍ସ ପଛରେ ନ ରହି ହାଣ୍ଡବୁକ ଅଫ୍ ମିଲେଟ ଅନ ହେଲଥ୍ ବେନିଫିଟ୍ସ ଆଣ୍ଡ ଡିଜିଜ ପ୍ରସ୍ତୁତ କରିବା ପ୍ରଶଂସନୀୟ । ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ମାଣ୍ଡିଆର ମହତ୍ତ୍ୱ କୋଭିଡ ସମୟରେ ଜଣାପଡିଥିଲା। ଏହି ଖାଦ୍ୟକୁ ଆମେ ସମସ୍ତେ ଲୋକପ୍ରିୟ କରିବା ଦରକାର ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖନୀୟ ଯେ, ଏମ୍ସ ପରିସରରେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚ଼ିତ୍ରରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।










# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଦନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଜାନୁଆରୀ ୦୮**

# ବୁଝିହେଉନାହିଁ, ମୁଁ ଜଣେ ପାଗଳ ନା ଏ ସମାଜ ? ! (୧)



ମୁଁ ଜଣେ ପାଗଳ କି, ଯିଏ ଦିନରାତି ମଣିଷ ସମାଜ, ରାଷ୍ଟ୍ର ତଥା ବିଶ୍ୱର ପରିବର୍ତ୍ତିତ ଚେହେରା ଦେଖିବା ପାଇଁ ବ୍ୟାକୁଳ ଅବସ୍ଥାରେ ରହିଛି । କିନ୍ତୁ କାହାର ପରିବର୍ତ୍ତିତ ଚେହେରା ଦେଖିବି ଆଉ କ'ଣ ପରିବର୍ତ୍ତନର ଆବଶ୍ୟକତା ରହିଛି ଆଜି ସମୟରେ ? ! ହୁଏତ ମୋତେ କିଛି ବୁଝୁନାହିଁ କି... ? ! ! ସମଗ୍ର ମଣିଷ ସମାଜ ଆଜି ଜ୍ଞାନର ଚରମ ଶୀର୍ଷରେ ବୋଲି ଭାବୁଛନ୍ତି ନିଜକୁ ନିଜେ ! କିଏ କାହାକୁ ସଂସ୍କାର ଶିଖାଇବ ? ! ସମସ୍ତେ ଏକକୁ ବଳି ଆରେକ ପାରିବା ମଣିଷ । କିଏ କାହାକୁ କ'ଣ ଶିଖାଇବ ! ସମସ୍ତେ ଆଜି ସବୁ କଥା ଜାଣିପାରୁଛନ୍ତି, ବୁଝିପାରୁଛନ୍ତି । କାହାକୁ କିଛି କହିବାକୁ, ବୁଝାଇବାକୁ ଗଲେ ଆଉ ୧୦ ପଦ ଅଧିକ ଶୁଣିବାକୁ ମିଳୁଛି । ତେଣୁ ହୁଏତ ମଣିଷ ସମାଜ ସମ୍ପୂର୍ଣ୍ଣ ରୂପେ ସଂସ୍କୃତ ହୋଇସାରିଛି ବୋଲି ଆମକୁ ଅନୁଭବ ହେଉଛି । ଯୁଗ ଯୁଗର ଅପେକ୍ଷା ପରବର୍ତ୍ତୀ ବର୍ତ୍ତମାନ ଶିକ୍ଷା, ବୁଦ୍ଧି, ଜ୍ଞାନ ଏତେମାତ୍ରାରେ ମଣିଷ ସମାଜରେ ଆକସ୍ମିକ ଭାବେ ବିତରଣ ହେଲା କିପରି ଆଉ ସମସ୍ତେ ହଠାତ୍ ଏତେ ଶିକ୍ଷିତ, ଜ୍ଞାନୀ, ବୁଦ୍ଧିମାନ ହୋଇଗଲେ କିପରି ଏକ ସମୀକ୍ଷା କରି ଦେଖିବାରେ ଉତ୍ତର ମିଳିଲା– ପ୍ରମାଣପତ୍ର ମାଧ୍ୟମରେ ଯଥେଷ୍ଟ ଶିକ୍ଷା, ଦୂରଦର୍ଶନ ମାଧ୍ୟମରେ ଅପାର ଜ୍ଞାନ ଆଉ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ବିଚକ୍ଷଣ ବୁଦ୍ଧି ସମୂହ ମଣିଷ ସମାଜରେ ଏତେ କ୍ଷିପ୍ର ଗତିରେ ପ୍ରଚାର, ପ୍ରସାର ହେଉଛି ଯେ ମଣିଷ ମସ୍ତିଷ୍କ ସେଗୁଡ଼ିକୁ ଆୟତ୍ତାଧିନ କରିବା କଷ୍ଟକର ହୋଇପଡୁଛି । ଏମିତିକି ସବୁ ମଣିଷଙ୍କ ମସ୍ତିଷ୍କ ଗୋଟିଏ ଗୋଟିଏ ଜ୍ଞାନର ଭଣ୍ଡାର ହୋଇସାରିଥିବା ଅନୁଭବ ହେଉଛି ପ୍ରାୟତଃ ସମସ୍ତଙ୍କୁ । ଗୁଳି ଖଟିରେ ହେଉ କି ସାଧାରଣ ସଭାରେ ଦେଖିବାକୁ ମିଳୁଛି ଯେ ସମସ୍ତେ ସବୁ ବିଷୟରେ ଭାଷଣ ଦେଇପାରୁଛନ୍ତି, ଜ୍ଞାନ ବିତରଣ କରିପାରୁଛନ୍ତି । ଆଉ ଏମିତି କୌଣସି କଥା ନାହିଁ କି କାହାକୁ ବୁଝୁନାହିଁ, ଜଣାନାହିଁ । ଯାହାହେଉ ସମସ୍ତେ ଜ୍ଞାନ ଆହରଣ କରିବା ଅତ୍ୟନ୍ତ ଭଲ । ଆଉ ଆମ ସାମାଜିକ ସଂସ୍କାର ଉଦ୍ଦେଶ୍ୟ ସେଇଆ ହିଁ ଥିଲା କି ସମସ୍ତେ ଉଚିତ, ଉପଯୁକ୍ତ ଜ୍ଞାନ ପାଆନ୍ତୁ । ହେଲେ ସେମାନେ ସମସ୍ତଙ୍କ ବ୍ୟକ୍ତିଗତ ଅନୁଭବଗୁଡ଼ିକର କିଛି ବାସ୍ତବତା, ସତ୍ୟତା ରହିଛି ନା କେବଳ ଏକ ଅଲୌକିକ ଛଳନାରେ ନିଜକୁ ନିଜେ ଜ୍ଞାନୀ ବୋଲି ଭାବୁଛନ୍ତି, ଟିକେ ଭଲଭାବେ ତର୍ଜମା କରି ଦେଖିବା...

ଏଠାରେ କିଛି ପ୍ରଶ୍ନ ଉଠାଇବା ଯାହା ସବୁ ପ୍ରାକୃତିକ ଆଉ ବୈଜ୍ଞାନିକ ଗବେଷିତ ତଥ୍ୟର ସତ୍ୟତା ଉପରେ ଆଧାରିତ । ଅନୁରୂପ ଆଉ କିଛି ପ୍ରଶ୍ନ ଦେଖିବା ଯାହାସବୁ କିଛି ଚତୁର ମଣିଷ ନିଜସ୍ୱ ସ୍ୱାର୍ଥଦୃଷ୍ଟିରୁ ସମାଜରେ ସୃଷ୍ଟି କରି ବିତରଣ କରୁଛନ୍ତି । ସେଥିମଧ୍ୟରୁ ଯେଉଁମାନେ ସତ୍ୟ, ବାସ୍ତବ ପ୍ରଶ୍ନଗୁଡ଼ିକର ଉତ୍ତର ଜାଣନ୍ତି, ସେମାନେ ନିଜକୁ ଜ୍ଞାନୀ ବୋଲି ଭାବିବା ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅଲୌକିକ, ଅସାମଞ୍ଜସ୍ୟ, ଅସଂଯୋଜିତ, ଅବୈଜ୍ଞାନିକ ବିଷୟଗୁଡ଼ିକୁ ଜାଣି ନିଜକୁ ଜ୍ଞାନୀ ବୋଲି ଭାବିବା ମଧ୍ୟରେ ପାର୍ଥକ୍ୟ କ'ଣ ନିଜେ ନିଜେ ହିଁ ବିଚାରକୁ ନେବେ... ! ଏଠାରେ ଗୋଟିଏ ଉଦାହରଣ ଦେବାକୁ ଭୁଲିବା ନାହିଁ କି ଯେଉଁସବୁ ସାମାଜିକ ଗଣମାଧ୍ୟମଗୁଡ଼ିକରୁ ପ୍ରକାଣ୍ଡ ଜ୍ଞାନ ଆହରଣ କରିଥା'ନ୍ତି ଆମ ଦେଶ ଲୋକେ ସେସବୁ ଗଣମାଧ୍ୟମର ବ୍ୟବହୃତ ଯନ୍ତ୍ରାଂଶ ସହିତ ପ୍ରୋଗ୍ରାମ ସଫ୍ଟୱେରଗୁଡ଼ିକ ମଧ୍ୟ ଆମ ଦେଶରେ ପ୍ରସ୍ତୁତ ହୋଇନାହିଁ । କେବଳ ବକ୍ତବ୍ୟର ପରିଭାଷା ଆମର । ଇତିମଧ୍ୟରେ କେତେକ ବିଦେଶୀ ଗଣମାଧ୍ୟମଗୁଡ଼ିକରୁ ଦେଖିବାକୁ ମିଳୁଛି ଯେ ସେମାନେ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି କରିଥା'ନ୍ତି ଗଣମାଧ୍ୟମରେ ଏବଂ ତାହାର ବିଶେଷ ଉତ୍ତରଗୁଡ଼ିକୁ ସମୀକ୍ଷାମୂଳକ ଭାବେ ତର୍ଜମା କରିଥା'ନ୍ତି ସତ୍ୟର ଉନ୍ମୋଚନ କରିବା ପାଇଁ । କିନ୍ତୁ ଆମ ଦେଶ ଲୋକଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି ବିଦେଶୀଙ୍କୁ ତୁଳନା କଲେ । ଅର୍ଥାତ୍ ଆମ ଦେଶର ପ୍ରତ୍ୟେକ ମଣିଷ ସିଧାସଳଖ ଉତ୍ତର ଲେଖନ୍ତି ଗଣମାଧ୍ୟମରେ ଯାହା ପ୍ରଶ୍ନବାଚୀ ସମସ୍ୟା ସୃଷ୍ଟି କରିଥାଏ ମୋ' ଭଳି ସାଧାରଣ ମଣିଷଙ୍କ ମସ୍ତିଷ୍କରେ । ଏଇଥିରୁ ମୁଁ କିଂଚିତ ଅନୁମାନ କରିପାରୁଛି ହୁଏତ ଆମ ଦେଶ ଲୋକଙ୍କ ସ୍ଥାନ ବର୍ତ୍ତମାନ ସର୍ବାଗ୍ରେ ନିଶ୍ଚିତ ରହିଥିବ ସବୁ କ୍ଷେତ୍ରରେ ବନାମ ସମଗ୍ର ବିଶ୍ୱବାସୀ ।

ସତ୍ୟ ଉପରେ ଆଧାରିତ ପ୍ରଥମ ପର୍ଯ୍ୟାୟର ପ୍ରଶ୍ନଗୁଡ଼ିକର ଉତ୍ତର କାହାକୁ କେତେ ମାତ୍ରାରେ ବୁଝୁଛି ବିଚାରକୁ ନିଅନ୍ତୁ ଏବଂ ତାହା ତଳେ ଦିଆଯାଇଥିବା ସାମାଜିକ ପ୍ରଚାରିତ ପ୍ରସାରିତ ତଥ୍ୟଗୁଡ଼ିକର ପୃଷ୍ଠପୋଷକତା କରୁଥିବା ମଣିଷଙ୍କ ଜ୍ଞାନର ସ୍ତର କେଉଁଠି ରହିଥିବ ଏବଂ ସେଗୁଡ଼ିକର ବାସ୍ତବ ରୂପରେଖଗୁଡ଼ିକ କାହାକୁ କେତିକି ବୁଝୁଛି ନିଜେ ନିଜେ ବିଶ୍ଳେଷଣ କରନ୍ତୁ । ତା'ପରେ ନିଜକୁ ସର୍ବଜଣା ବୋଲି ଭାବିବା କେତେ ଯୁକ୍ତିଯୁକ୍ତ ନିଜେ ନିଜେ ବ୍ୟବଚ୍ଛେଦ କରନ୍ତୁ । ଆଉ ସେଗୁଡ଼ିକର ଉତ୍ତର ନପାଇଲେ ନିଜର ଜ୍ଞାନର ସ୍ତର କ'ଣ ବୁଝି ଆଗକୁ ବିଚାର କରନ୍ତୁ ।

**୧.** ସବୁ ଜିନିଷର ଅପମିଶ୍ରଣ କଥା ସମସ୍ତେ ବୁଝୁଛନ୍ତି, ହେଲେ ଘରକୁ ଦିଆଯାଉଥିବା ବିଦ୍ୟୁତ ଶକ୍ତି ନିରୋଳା ନୁହେଁ, କେମିତି ? **୨.** ଟଙ୍କା ଆସେ କେଉଁଠୁ ଏବଂ ତାହାର ପ୍ରକୃତ ଉତ୍ପାଦକ କିଏ ? **୩.** ପ୍ରକୃତ ଟିକସଦାତା ଏବଂ ଟିକସ ଦେୟର ମିଛିମିଛିକା ଦାତା ସବୁ କିଏ ? **୪.** ଆମେ ସେବନ କରୁଥିବା ଔଷଧ ରୋଗକୁ ନିର୍ମୂଳ କରେ ନା ତାହାର ଅନ୍ୟ କିଛି ପ୍ରଭାବ କାରଣରୁ ଆମେ ଲାଘବ ଅନୁଭବ କରିଥାଉ ଏବଂ ତାହାର ଶରୀରରେ କି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ ? **୫.** ସବୁଠାରୁ ସାଙ୍ଘାତିକ ମାଦକ ଦ୍ରବ୍ୟ କ'ଣ ଏବଂ ତାହାର ପରିଚୟ ସମାଜରେ କେଉଁ ଢଙ୍ଗରେ ପରିଚାଳିତ ? **୬.** ଶିକ୍ଷିତ, ବୁଦ୍ଧିମାନ, ଚତୁର ଏବଂ ଜ୍ଞାନୀ ମଧ୍ୟରେ ପାର୍ଥକ୍ୟ ସବୁ କ'ଣ ଏବଂ ସମାଜରେ କାହାର ମାନ୍ୟତା କେତେ ଏବଂ ସେସବୁ କେମିତି ସୃଷ୍ଟି ହୋଇଥାଏ ? **୭.** ଟଙ୍କାର ସାମାଜିକ ମାନ୍ୟତା କ'ଣ ଏବଂ ତାହାର କେତୋଟି ପରିମାପକ ରହିଛି ? **୮.** ମା' ଜନ୍ମ କରିଥିବା ସ୍ୱଚକ୍ଷୁରେ ନଦେଖି/ ସ୍ୱଜ୍ଞାନରେ ନଜାଣି ମଧ୍ୟ ଆମେ ଗ୍ରହଣ କରିଥାଉ କାହିଁକି, କେମିତି ଏବଂ ତାହାର ପ୍ରାକୃତିକ ରହସ୍ୟ କ'ଣ ? **୯.** ହିନ୍ଦୁ ଆର୍ଯ୍ୟମାନଙ୍କ ମୂଳ ଉତ୍ପତ୍ତିସ୍ଥଳ କେଉଁଠୁ ? **୧୦.** ଆଇରନ ସିରପ୍ ଏବଂ କଫ ସିରପ୍‌ର ମୁଖ୍ୟ ଉପାଦାନ ସବୁ କ'ଣ ? **୧୧.** ସନାତନ ଧର୍ମ କ'ଣ, ତାହାର ରଚୟିତା କିଏ ଏବଂ ସନାତନ ଧର୍ମ ମଣିଷ ସମାଜକୁ ପ୍ରକୃତରେ କି ଶିକ୍ଷା ଦେବାପାଇଁ ଉଦ୍ଦିଷ୍ଟ ଥିଲା ? **୧୨.** ମଣିଷ ଜୀବନର ବାସ୍ତବତା କ'ଣ ଏବଂ ଅତ୍ୟାଧୁନିକ ଆଜିର ମଣିଷ ତାକୁ ବୁଝିଛି କେତେ ଓ କିଏ ? *(କ୍ରମଶଃ)*

**—ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ- ୭୬୧୦୨୦, ଦୂରଭାଷ: ୯୪୩୭୩୨୪୯୧୭*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ମାରକ ମୂଳକ : ମହାମାରୁ ମାହାଳିଆ

**ମାୟାଧର ନାୟକ**



ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦିଙ୍କ ମାର୍ଫତ୍ ଦେଶରେ ଥିବା ୮୧ କୋଟି ୩୦ ଲକ୍ଷ ଗରିବଙ୍କୁ ୨୦୨୩ ଡିସେମ୍ବର ମାସ ଯାଏଁ ମାଗଣା ରାସନ୍ ପ୍ରଦାନ ଉଦ୍ଦେଶ୍ୟରେ କ୍ୟାବିନେଟ୍‌ରେ ନିଷ୍ପତି ନିଆସରିଛି । ସେହିଭଳି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ହିତାଧିକାରୀମାନଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମାଗଣାରେ ୨୦୨୩ ଜାନୁୟାରୀରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯିବା ମଧ୍ୟ ଘୋଷଣା ହୋଇଛି । ଏଥିପାଇଁ ରାଜକୋଷରୁ ଖର୍ଚ୍ଚ କରିବାକୁ ପଡିବ ଅନୂନ୍ୟ ୧୮୫ କୋଟି ଟଙ୍କା । ସରକାର ନିଜସ୍ୱ ଯୋଜନାରେ ଟଙ୍କିକିଆ ଚାଉଳ ପ୍ରଦାନ କରିଆସୁଛନ୍ତି । ୨୦୦୯ରେ ସରକାର କେଜି ୨ ଟଙ୍କା ଦରରେ ପ୍ରଥମେ ଚାଉଳ ଯୋଗାଉଥିଲେ । ଏହାପରେ ୨୦୧୩ରୁ ଏକ ଟଙ୍କାରେ କେଜିଏ ଚାଉଳ ଦେଇଚାଲିଛନ୍ତି । ୨ ଟଙ୍କାରୁ ୧ ଟଙ୍କାକୁ ନାମକୁ ମାତ୍ର । ଏପରି ଦରହ୍ରାସ ବେପାରଟି କହିବାକୁ ଗଲେ ଏବର ଏକପ୍ରକାର ମାଗଣା ଯୋଗାଣ ସରକାରୀ ସଂସ୍କୃତିର ଚଳଣିଟାଏ । ମାଗଣା ଯୋଗାଣ ବାଦୀପାଲାରେ ମୋଦିବାବୁ, ନବୀନବାବୁ ଟକ୍କର ଦେବାରେ ଧୁରନ୍ଧର ।

ମାଗଣାଖିଆ ସଂସ୍କୃତି ଏକ ଭୟଙ୍କର ସାମାଜିକ ବ୍ୟାଧି । ଏହି ମାଗଣା ଯୋଗାଣ ସରକାରୀ ସଂସ୍କୃତିଟି ସବା ପହିଲେ ଚାଲୁ ହୋଇଥିଲା ତାମିଲନାଡୁରେ । ସେତେବେଳେ ମୁଖ୍ୟମନ୍ତ୍ରୀ ଜୟଲଳିତା ବ୍ୟାପକ ଭାବରେ ଏ ଚଳଣି ଆରମ୍ଭ କରି ନିରଙ୍କୁଶ ଶାସନ କ୍ଷମତାରେ ରହିଲେ ସୁଦୀର୍ଘ କାଳ । ତାଙ୍କ ପଦାଙ୍କ ଅନୁସରଣ କରି ତାମିଲନାଡୁର ପରବର୍ତ୍ତୀ ରାଜନୀତିରେ ବି ବଜାୟ ରହିଲା ଏହି ମାଗଣା ସରକାରୀ ଧାରା । ସେଠାକାର ଯୁବଉଦ୍ୟୋଗୀମାନେ ମଧ୍ୟ ମାଗଣା ଦେଇ ନିଜ ନିଜର କାମ ହାସଲ କରିବାରେ ଧୁରନ୍ଧର ହୋଇଗଲେ । ଏହି ନିଆରା ନାରାର ଧାରାରେ ତାମିଲନାଡୁ ସରକାରଙ୍କ ଭୋଟ୍ ରାଜୀନୀତିରେ କ୍ରମବର୍ଦ୍ଧିତ କ୍ଷମତା ହାସଲକୁ ଲକ୍ଷ୍ୟକରି କେନ୍ଦ୍ରଠୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ ରାଜନୀତିକ ଦଳ ଗରିବ ଭୋଟଦାତାମାନଙ୍କୁ ମାଗଣା ଯୋଗାଣ ବଚନାମୃତ ବଖାଣି କେତେ କ'ଣ ଚିଜ ପ୍ରଦାନ କରିବାର ପ୍ରତିଶ୍ରୁତି ମଧ୍ୟ ପ୍ରଚୁର ପରିମାଣରେ ବର୍ଷା କଲେ । ଏଣେ କ୍ଷମତାସୀନ ଦଳର ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ ପାଇଁ ରାଜକୋଷରୁ ପାଣିଭଳି ଟଙ୍କା ଖର୍ଚ୍ଚ କରିଚାଲିଲେ । ଦାନ ପାଇଁ ଧନ ଊଣା ହେଲା ତ ବିଶ୍ୱବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂସ୍ଥାରୁ ଋଣ ଉଠାଇଲେ ।

ଏବେ ଆମ ଓଡିଶାର ୪ କୋଟି ୫୦ ଲକ୍ଷ ଲୋକଙ୍କ ମୁଣ୍ଡରେ ପାଖାପାଖି ୯୮ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କରଜ ବୋଝ ହେଲାଣି । ଛୁଆଟିଏ ଆଜି ଜନ୍ମ ହେଲେ କାଲି ଅତି କମ୍‌ରେ କୋଡିଏ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସରକାରୀ କରଜ ତା' ନାଆଁରେ ଗଡିବ ହିଁ ଗଡିବ– ଏହାଛଡା ଆଉ ଅନ୍ୟଗତି ନାହିଁ । ଏବେ ମୋଦି ସରକାର ହିତାଧିକାରୀମାନଙ୍କୁ ବର୍ଷେ ମାଗଣା ଚାଉଳ ଦେବେ । ମୋଦି ପଛେ ପଛେ ନବୀନ ସରକାର ମଧ୍ୟ ବର୍ଷକ ପାଇଁ ମାଗଣା ଚାଉଳ ଦେବେ ! ଚାଉଳ ବାବଦ ବି ଏଣିକି ଟଙ୍କାଟିଏ ଆଉ ଦେବାକୁ ପଡିବ ନାହିଁ । ଦି'ଟଙ୍କା-ଟଙ୍କେ ଅମଳକୁ ପଛରେ ପକାଇଦେଇ ଇଏ ଏବେ ଆରମ୍ଭ ହେଲା ଜାଣ ଅଟଙ୍କିଆ ଚାଉଳର ଚାରିଚାନ୍ଦିଆ ଅଖାବୁହା ଅମଳକାଳ ! ! କେନ୍ଦ୍ର ସମେତ ବିଭିନ୍ନ ରାଜ୍ୟ ସରକାର ଏହି ମାଗଣା ବ୍ୟବସ୍ଥା ଚାଲୁରଖିଛନ୍ତି । ଦିଲ୍ଲୀ ସରକାର ପାଣି ବିଜୁଳି ମାଗଣା ଦେବାପାଇଁ ଘୋଷଣା କରି କ୍ଷମତାସୀନ । ମୋଦି ସରକାର ଅଧିକାଂଶ ମାଗଣା ଯୋଜନା ବଢାଇରଖିବାର ଅଙ୍କ କଷିଚାଲୁଛନ୍ତି । ଆମ ଓଡିଶାର ନବୀନ ସରକାର ଏନ୍ତୁଡିଶାଳଠାରୁ ମଶାଣିପଦା ପର୍ଯ୍ୟନ୍ତ ସବୁ ଯାଗାପାଇଁ ମାଗଣା ସୁବିଧାସୁଯୋଗ ସହାୟତାମାନ ବାଣ୍ଟି ଚାଲିଛନ୍ତି । ସବୁ ରାଜ୍ୟରେ ଲୋକେ ମାଗଣା ଖାଇ ଭୋଟ୍ ବି ଦେଉଛନ୍ତି । କାଳେ ଭୋଟର ଠକିଦେବେ, ତାଙ୍କୁ ଭୋଟ୍ ପିଛା କେଉଁଠି ଏକ ହଜାର ଆଉ କେଉଁଠି ଦଶହଜାର ଟଙ୍କା ଯାଏ ସୁଦ୍ଧା ହାତଗୁଞ୍ଜା ଦିଆଯାଉଛି । କେବଳ ନବୀନବାବୁ ନୁହଁନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିବାବୁ ଓ ଅନ୍ୟାନ୍ୟ ରାଜ୍ୟ ମୁଖ୍ୟମନ୍ତ୍ରୀ, ଦଳ ମଧ୍ୟ ଏହି ପନ୍ଥା ଅନୁସରଣ କରିଚାଲିଛନ୍ତି ।

ପୃଥିବୀରେ ପ୍ରାୟ ଆଠଶହ କୋଟି ଜନସଂଖ୍ୟା । ଏଥିରୁ ନାହିଁନଥିବା କୋଟିପତି ହେଉ କି କାହିଁକାହିଁକା କାଙ୍ଗାଳଭିକାରୀ ହେଉ, ପ୍ରତ୍ୟେକେ ହିଁ ବର୍ତ୍ତମାନ ଏହି ମାଗଣା ନେଣ ମୋହରେ କବଳିତ । ଏ ଅଧମ ଯାଜପୁର ରୋଡରେ 'ଥିଲେ ଦିଅ, ନଥିଲେ ନିଅ' କାର୍ଯ୍ୟକ୍ରମ ଆରମ୍ଭ କଲାବେଳେ ଏମିତି ଗୋଟିଏ ଅଙ୍ଗେଲିଭା ଦୁଃଖସୁଖର ଦୃଷ୍ଟାନ୍ତ ଏଠାରେ ଦେଉଛି । ସଂଗୃହିତ କିଛି ନୂଆ ପୁରୁଣା ଲୁଗାପଟା, କମ୍ବଳ ଶୀତଦିନେ ଦେବାକୁ ମନ ସ୍ଥିର କରି ନାନା ଅଞ୍ଚଳର କିଛି ଗରିବଗୁରୁବା, ଅସହାୟ ଲୋକଙ୍କୁ ଖବର ପଠାଇଥିଲି । ବିଜୁଳି ବେଗରେ ଖବର ଖେଳିଗଲା । ଆମେ ପାଖାପାଖି ହଜାରେ ଲୋକଙ୍କ ପାଇଁ ଶୀତବସ୍ତ୍ର ସଂଗ୍ରହ କରିଥିଲୁ । କିନ୍ତୁ ତିନିହଜାରରୁ ଊର୍ଦ୍ଧ୍ୱ ଛୁଆପିଲା ବୁଢାବୁଢୀ ରୁଣ୍ଡ ହୋଇଗଲେ । ଭୀଷଣ ବିଶୃଙ୍ଖଳା କରି ଯିଏ ଯୁଆଡେ ପାରିଲେ ଶୀତପୋଷାକ ସବୁ ଆଖିପିଛୁଳାକେ ବୋହିନେଲେ । ଏଥିରୁ ଗୋଟିଏ ସତ୍ୟ ଉପଲବ୍ଧି ହେଉଛି ଯେ, ସରକାରୀ ହେଉ କି ବେସରକାରୀ – ଯେଉଁ ସ୍ତରରେ ସୁଦ୍ଧା ଏପରି ମାଗଣା ଯୋଗାଣ କାର୍ଯ୍ୟକ୍ରମ ଚାଲେ, ସେଠାରେ ନା ରହେ ଦେବାର ପ୍ରକୃତ ମନ ନା ରହେ ନେବାର ମାନ । ମନ ଓ ମାନ ଏ ଯୋଡିକଯାକ ଚାରିତ୍ରିକ ମୂଲ୍ୟବୋଧ ଏକାଠି ନହୋଇପାରିଲେ କାର୍ଯ୍ୟ ହୋଇପଡେ ଅକାର୍ଯ୍ୟଟାଏ ହିଁ ଅବଶେଷରେ । ନିଅଣ୍ଟିଆ ଅବସ୍ଥାର ଅପନ୍ତରାରେ ଇତିହାସ ଅଜସ୍ର ମୋଡ ଅତିକ୍ରମ କରିଆସିଛି ଏ ଭାରତବର୍ଷର ଖଟିଖିଆ ମଣିଷର ମହାସ୍ରୋତ । ମାତ୍ର ସେଇମାନେ ହିଁ ସାଜିଛନ୍ତି ବିପ୍ଳବର ବିଶାଳ ବାହିନୀ, ପରିବର୍ତ୍ତନର ପ୍ରକୃତ ଯୋଦ୍ଧା । ସଂଘର୍ଷ, ସଂଗ୍ରାମ, ସଂଘାତ ମଧ୍ୟରୁ ସେମାନେ ସାଉଁଟିଛନ୍ତି ଅସଲ ଜୀବନର ଜୟଗାନ ପାଇଁ ମୁକ୍ତିପଥର ମହାମନ୍ତ୍ର ।

ଏବେ କିନ୍ତୁ ସମଗ୍ର ବିଶ୍ୱରେ ମାଗଣା ଯୋଗାଣ ସଂସ୍କୃତି ଊଣାଅଧିକେ ଚାଲୁରହିଛି । ଠେଲାପେଲା, ଦଳାଚକଟା, ମାଡପିଟ୍‌ରେ ମଧ୍ୟ ଜୀବନ ଚାଲିଯାଉଥିବାର ଖବର ପ୍ରସାରଣ ହେଉଥିବାର ଦେଖିଥିବେ । ବର୍ତ୍ତମାନର ମାଗଣା ଯୋଜନାରେ ସାମିଲ ହେବାକୁ ନେତାଠାରୁ କୁଜିନେତା, ଅଫିସରମାନଙ୍କ ସାହାରା ନିଆଯାଉଛି । ଲୋକେ ଏପଟେ ମାଗଣା ନେବେ ସେପଟେ କରଟିକସ ଦେବେ । ଅତ୍ୟାବଶ୍ୟକ ଦ୍ରବ୍ୟର ଆକାଶଛୁଆଁ ଦରବୃଦ୍ଧିକୁ ମୁଣ୍ଡପାତି ସହି ନେଉଥିବେ । ଦେଶର ଭବିଷ୍ୟତ ଛାତ୍ରଯୁବକଙ୍କୁ ମଧ୍ୟ ମାଗଣାନିଆ ମନୋଭାବ ଶିଖେଇ ଦିଆହେଲାଣି । ସରକାରମାନେ ଜିଆ, କେରାଣ୍ଡି ଗୁନ୍ଥି ବାଳିଆମାଛ ଧରିବାରେ ଶତପ୍ରତିଶତ ସିଦ୍ଧହସ୍ତ ପାଲଟିଗଲେଣି ।

ଯେବେଠୁ ଦେଶରେ ମାଗଣା ସଂସ୍କୃତି ପ୍ରଚଳନ ହେଲା ସେବେଠୁ ଆରମ୍ଭ ହେଲା ଘୋର କର୍ମକୁଣ୍ଠାର ନିଘୋଡ ଘୁଙ୍ଗୁଡିମରା ପହର । ଦେଶ ରସାତଳକୁ ଯିବାକୁ ଆଉ ବେଶି ଡେରି ନାହିଁ । ଲୋକେ ପହିଲେ କାମଧନ୍ଦା ଛାଡ କଲେ, କାମ ନକରିବାର ଅଭ୍ୟାସରେ ପଡି ଏକବାରେ ମାନ୍ଦା ହୋଇଗଲେ । ଇଏ ତ ଛାଡ ବାହାର କଥା । ଏପରିକି ଘରେ ନିଜ କାମ ବେଳକୁ ବି ନିପଟ ଅଳସୁଆ ହୋଇଗଲେ । ମଗଜରୁ ବୁଦ୍ଧି କମିଗଲା । ବେପାରବଣିଜରେ ମଧ୍ୟ ମାଗଣା ସଂସ୍କୃତି ବ୍ୟାପକ ଭାବେ ଚାଲୁରହିଛି । ବ୍ୟବସାୟୀ ପ୍ରତିଷ୍ଠାନ, ବଡ ବଡ ମଲ୍‌ମାନଙ୍କରେ ବେଶ୍ ଆଖିଝଲସା ସାଜସଜ୍ଜାରେ ଶସ୍ତା ଜିନିଷ ଉପରେ ଚଢା ରେଟ୍ ଲେଖି ୨୦ରୁ ୫୦ ପରସେଣ୍ଟ ରିହାତିରେ ବିକ୍ରି କରୁଛନ୍ତି । ପୁଣି ଗୋଟିଏ କିଣିଲେ ଦି'ଟା ମାଗଣା ବୋଲି ଧୁମ୍ ପ୍ରଚାର ଚଳାଇରଖିଛନ୍ତି । ଆମ ଲୋକମାନେ ପିମ୍ପୁଡି ମାର୍କା ଧାର ବା ଧାଡି ଲମ୍ବାଇ ଚାଲୁଛନ୍ତି ମାଗଣା ଓ ଶସ୍ତା ଜିନିଷ ପାଇବାକୁ । ଏବେ "ୟୁଜ୍ ଆଣ୍ଡ୍ ଥ୍ରୋ" ବୋଲିବାଣିର ବେଶ୍ ପ୍ରଚାରପ୍ରିୟ ପର୍ବପର୍ଯ୍ୟାୟ ବଳବତ୍ତର । କିଣା ପଦାର୍ଥ ସହିତ ଅ'କିଣା ବହୁ ସାମଗ୍ରୀ ମଧ୍ୟ ମାଗଣାରେ ସୁଲଭ ବୋଲି ବିଜ୍ଞପ୍ତିର ଲୋଭନୀୟ ପ୍ରସ୍ତାବମାନ ଶୁଣି ଗରାଖର ମୁଣି ଭିତରୁ ମୁଣ୍ଡ କାଢ଼ିବାକୁ ସଞ୍ଚିତ ମୁଦ୍ରାସବୁ ଏକବାର ତୟାର୍ ।

ଏ ମାଗଣା ଯୋଗାଣ ସଂସ୍କୃତିଟା ଏବେ ଅଜଗର ଭଳି ପ୍ରକାଣ୍ଡ ଚେହେରା ଧରି ଧୀରେ ଧୀରେ ସବୁଆଡକୁ ମୁହାଁଇଲାଣି । ଖଟି ଖାଇବାର ସେ କର୍ମଚଞ୍ଚଳ ଦିନ ଆଜି ଦିଅଁଖିଆ ଖଟୁଲିଖିଆ ଦିନ ଦ୍ୱିପହରରେ ପରିଣତ । ଯୁଆଡେ ଅନାଅ କର୍ମଛଡା ଗୋଷ୍ଠୀ ଆଉ ସୃଷ୍ଟିଛଡା ଦଳ ।। ଖାଇବାକୁ ମିଳୁଛି ମୋଫତ୍ - ଖଟିବ କାହିଁକି କିଏ ? ଖଟରେ କରମାଡି ଶୋଇବେ, ନହେଲେ ଖଟିରେ ବକରବକର ହୋଇ ମାତିବେ । ଘରେ ଘରେ ବେକାର । କଳକାରଖାନା ଭଲଭାବେ ଚାଲୁନି । ସରକାରୀ ବେସରକାରୀ ଅଫିସ୍ ଅନୁଷ୍ଠାନମାନଙ୍କରେ ଚାକିରୀ ନାହିଁ–ଥିବା ଚାକିରୀ ସଂକୁଚିତ ହେଉଛି । ମାଗଣାଖିଆ ରାଜ୍ୟରେ ଏତେ ଲୋକ ଦାଦନ ଖଟିବାକୁ କାହିଁକି ଯାଉଛନ୍ତି ! ଅଭାବଅନାଟନ ସାଧାରଣ ଲୋକଙ୍କୁ ସିନା ବାଧୁଛି – ଯେଉଁମାନଙ୍କ ପାଖରେ ଧନସମ୍ପତି ଅଛି–ସେମାନେ ଧନକୁ ବହୁଗୁଣିତ କରିବା ପାଇଁ ନାନା ଫନ୍ଦିଫିକର କରି ମଧ୍ୟ ସଫଳ ହୋଇପାରୁନାହାଁନ୍ତି । ଫଳରେ ଏକପ୍ରକାର ହତାଶର କରାଳ ଛାୟା ମାଡିଗଲାଣି । ମୁଣ୍ଡ କାମ କରୁନି । ଏଇଭଳି ଭାବେ ଶ୍ରୀଲଙ୍କା, ପାକିସ୍ଥାନ, ଆଫ୍ରିକା ପ୍ରମୁଖ ଦେଶରେ ସରକାରମାନେ ମାଗଣା ବାଣ୍ଟି ବାଣ୍ଟି ଦୁଆଳିଆ ହୋଇଗଲେଣି । ଆମ ଭାରତ ମଧ୍ୟ ସେଇ ରାସ୍ତାରେ ଅଗ୍ରସର ହେଉଛି । ଏ ମାରକ ମୂଳକରେ ମହାମାରୁ ମାହାଳିଆମାନଙ୍କ ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାକୁ ଯାଉଛି । ଯେଉଁମାନେ ଶତଚେଷ୍ଟା କରି ଦୁଇଓଳି ଖାଇବା ଯୋଗାଡ କରିପାରୁନାହାଁନ୍ତି ସେମାନଙ୍କୁ ବରଂ ମାଗଣା ସବୁକିଛି ଦିଆଯାଉ । ରାଜ୍ୟରେ ସବୁଲୋକଙ୍କୁ ଧୁଆଁଅଧୁଆ ମୂଳା ଏକକରି ମାଗଣା ସଂସ୍କୃତି ଜାଲରେ ଛନ୍ଦି ଦିଆନଯାଉ । ଏହା ସଂପୂର୍ଣ୍ଣ କର୍ମସଂସ୍କୃତିକୁ ବିଗାଡି ଦେଇପାରେ ! ସମୟ ଆସୁଛି ଦେଶ ଆହୁରି ଭୟଙ୍କର ଅବସ୍ଥା ଆଡକୁ ଗତି କରିବ । ମାଗଣା ସଂସ୍କୃତି ବନ୍ଦ କରି ସବୁ ଲୋକଙ୍କୁ କ୍ଷମତାନୁଯାୟୀ କାମ ଯୋଗାଇଦେବା ଆବଶ୍ୟକ । ଏହାଦ୍ୱାରା ଲୋକେ ବାସ୍ତବରେ ସ୍ୱାବଲମ୍ବୀ ହୋଇପାରିବେ । ଦେଶର ବିକାଶ ହେବ । ଏହି ୨୦୨୩ ସଂଘର୍ଷର ବର୍ଷ ହେବାକୁ ଯାଉଛି । କେହି କାହାକୁ ମାନିବେନି । ବହୁ ଲୋକଙ୍କ ମୁକୁଟ ଖସିପଡିବ । ମୁଣ୍ଡର ବୁଦ୍ଧି କାମ ଦେବନି । ମନେରଖନ୍ତୁ–ମୁକୁଟଠୁ ମୁଣ୍ଡ ମୂଲ୍ୟବାନ୍ ।

*-ଯାଜପୁର ରୋଡ, ଯାଜପୁର, ମୋ: ୯୮୬୧୦୩୪୧୬୩, Email : mayadharnayak2014@gmail.com*

# ଫେରୁଛି ଦାଉଦର ଦାଦାଗିରି (୧)

**---------ସୌମେନ୍ଦ୍ର ଜେନା---------**

ତିନି ଦଶନ୍ଧି ପରେ ମୁମ୍ବାଇ ସମେତ ଅନେକ ରାଜ୍ୟକୁ ଇସଲାମିକ ଗୋଷ୍ଠୀଙ୍କ ମାଧ୍ୟମରେ ପାକ୍‌ରେ ରହୁଥିବା ଅଣ୍ଡରୱାର୍ଲଡ ଡନ ଦାଉଦ ଇବ୍ରାହିମ୍ ଶେଖର ଦାଦାଗିରି ଫେରିବା ଦୃଷ୍ଟିକୁ ଆସିଛି । ମହାରାଷ୍ଟ୍ରରେ ଦାଉଦର ପରିବାର ରହୁଥିବା ହେତୁ ସେମାନଙ୍କର ସଂପତ୍ତି ରହିଛି । ସହଯୋଗୀ ଏବଂ ସଂପର୍କୀୟମାନେ ଶିବସେନା-ଏନ୍‌ସିପି ସରକାର ସମୟରେ ସୁବିଧାଜନକ ସ୍ଥିତିରେ ରହି କାର୍ଯ୍ୟ କରୁଥିଲେ । କିନ୍ତୁ ବିଜେପି ସମର୍ଥିତ ସରକାର ରାଜ୍ୟରେ ଆସିବାପରେ ଏବେ ସେଠାରେ ସମୀକରଣ ବଦଳିବାରେ ଲାଗିଛି । ପୁନର୍ବାର ଅଶାନ୍ତି, ଅସ୍ଥିରତା, ଅସୁରକ୍ଷାର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ ଜାରିରହିଛି । ଗଣେଶୋତ୍ସବ ସମୟରେ ମୁମ୍ବାଇ ପୁଲିସକୁ ପାକିସ୍ଥାନରୁ ଏକ ଧମକ ବାର୍ତ୍ତା ଆସିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଆମେ ଖୁବ୍ ଶୀଘ୍ର ଆସୁଛୁ । ମୁମ୍ବାଇରେ ପୂର୍ବାପେକ୍ଷା ବଡ ଆକ୍ରମଣ କରିବୁ । ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ ନାମରେ ଏହି ବାର୍ତ୍ତା ପଠାଯାଇଥିଲେ ହେଁ ଏହାର ଉତ୍ସ ପାକିସ୍ଥାନ ଦେଖାଇବ ବୋଲି ବାର୍ତ୍ତା ପ୍ରେରଣକାରୀ ଉଲ୍ଲେଖ କରିଥିଲା । ଏହି ଖବର ପାଇବା ପରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆକସ୍ମିକ ମୁମ୍ବାଇରେ ପହଞ୍ଚି ଅଧରାତିରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସାକ୍ଷାତ କଲେ । ମହାରାଷ୍ଟ୍ର ପୁଲିସ ଅଧିକାରୀ ଏବଂ ପ୍ରଶାସନିକ କଳର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସାମୁଦ୍ରିକ ପଥରେ ଅଧିକ ନଜର ରଖିବାସହ ଆଲର୍ଟ ଜାରି କରିବାକୁ ଅଧିକାରୀମାନଙ୍କ ସହ ଡୋଭାଲ କଥା ହୋଇଥିଲେ ।

ଭାରତରେ ଆଗାମୀ ଦିନରେ ରାଜ୍ୟ ବିଧାନସଭା ଏବଂ ଲୋକସଭା ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ବିଦେଶୀ ଇସଲାମିକ ଗୋଷ୍ଠୀ, ମାଲେସିଆରୁ ନିୟନ୍ତ୍ରଣ କରୁଥିବା ଜାକିର ନାଇକର ଗୋଷ୍ଠୀ, ବିଦେଶରେ ଥିବା ଦାଉଦର ଚୋରା କାରବାରକାରୀ ଗୋଷ୍ଠୀ, କେନ୍ଦ୍ର ସରକାରଙ୍କ ବିରୋଧରେ କାର୍ଯ୍ୟରତ ଆନ୍ତର୍ଜାତିକ ଏନ୍‌ଜିଓ ଦଲାଲ, ଭାରତକୁ ଈର୍ଷା କରୁଥିବା ତଥାକଥିତ ବିଦେଶୀ ଧନପତି ଗୋଷ୍ଠୀଗୁଡ଼ିକ ଭାରତର ବିରୋଧୀ ସାମାଜିକ ଓ ରାଜନୈତିକ ଗୋଷ୍ଠୀ ସହ ସାମିଲ ହୋଇ ଭୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି । କେନ୍ଦ୍ର ସରକାରଙ୍କ ସୁରକ୍ଷାକୁ କେନ୍ଦ୍ରକରି କଠୋର ନୀତି ଯୋଗୁ ବିଗତ ଦିନମାନଙ୍କରେ ପଞ୍ଜାବ, ଉତ୍ତର ପ୍ରଦେଶ, ଦିଲ୍ଲୀ, ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ, ଆସାମ, ଉତ୍ତରାଖଣ୍ଡ, ଝାଡଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା ଆଦି ରାଜ୍ୟମାନଙ୍କରୁ ସନ୍ତ୍ରାସବାଦୀଙ୍କ ସ୍ଲିପର ସେଲ ବିଷୟରେ ସୂଚନା ମିଳିଛି । ଅଲଗା ଅଲଗା କାର୍ଯ୍ୟରତ ଏହିସବୁ ଶକ୍ତିଙ୍କ ମଧ୍ୟରୁ ଆସାମରେ ସକ୍ରିୟ ଥିବା ସନ୍ତ୍ରାସବାଦୀଙ୍କ ସହ ସଂପର୍କ ରଖିଥିବା ମଦ୍ରାସାଗୁଡ଼ିକୁ ସ୍ଥାନୀୟ ସରକାର ଭାଙ୍ଗିଦେବାର ଆଦେଶ ଦେଲାପରେ ତାହା କାର୍ଯ୍ୟକାରୀ ହୋଇଛି । ବିହାର ଏବଂ ଉତ୍ତର ପ୍ରଦେଶରେ ସକ୍ରିୟ ସନ୍ତ୍ରାସବାଦୀ ସଂଗଠନ ସହ ସଂପର୍କ ରଖିଥିବା ଗୋଷ୍ଠୀଗୁଡ଼ିକର ଲୋକଙ୍କୁ ଗିରଫ କରାଯାଇଛି । ଜେଇଏମ୍ ବଙ୍ଗଳାଦେଶର ସ୍ଲିପର ସେଲ ଲୋକଙ୍କୁ ବିହାର, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ଗିରଫ କରାଯାଇଛି । ସୀମାବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ଅଧିକ ସଂଖ୍ୟାରେ ମଦ୍ରାସା ଏବଂ ମସଜିଦ୍‌ଗୁଡ଼ିକ ଗଢି ଉଠୁଥିବାରୁ ସେସବୁ ବିଦେଶୀ ଅନୁପ୍ରବେଶକାରୀ ଏବଂ ସନ୍ତ୍ରାସବାଦୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଛି । ରାଜ୍ୟସରକାରମାନଙ୍କୁ ଏ ବାବଦରେ ନିଜ ରାଜ୍ୟର ଆନ୍ତର୍ଜାତିକ ସୀମାରେ ନିଶା କାରବାର, ଗୋ-ଚାଲାଣ, ଅସ୍ତ୍ରଶସ୍ତ୍ର କାରବାର ଉପରେ ଦୃଷ୍ଟି ରଖିବାକୁ କୁହାଯାଇଛି । କାରଣ ପାକ୍‌ର ଆଇଏସ୍ଆଇ ଏବେ ଭାରତର ବିକାଶକୁ ବାଧାପ୍ରାପ୍ତ କରିବା ପାଇଁ ଦାଉଦ ଗୋଷ୍ଠୀ ସହ ଲାଗିପଡିଛି । ଗୁଜରାଟ ସମୁଦ୍ର ସୀମାରେ ପାକ୍ ବୋଟରୁ ବାରମ୍ବାର ନିଶାଦ୍ରବ୍ୟ ଜବତ ହେବା, ମହାରାଷ୍ଟ୍ର ଜଳସୀମାରେ ବନ୍ଧୁକ ସହ ବୋଟ ମିଳିବା, ବିଗତ ଦିନରେ ଅଯଥା ଧାର୍ମିକ ବିବାଦର ପ୍ରସଙ୍ଗକୁ ଉଠାଇ ମୁସଲିମଙ୍କୁ ଦଙ୍ଗାଗୋଳ ପାଇଁ ଉସକାଇଲା ପରି ଘଟଣାମାନ ଦେଖିବାକୁ ମିଳିଛି । ପାଲେଷ୍ଟାଇନର ଅଲ୍-ଅସ୍‌କା ମସଜିଦ ପରି ଶୁକ୍ରବାରିଆ ନମାଜ ପରେ ହିଂସାକାଣ୍ଡ, ଦଙ୍ଗାଗୋଳ ହେବା ଘଟଣା ଦୃଷ୍ଟିକୁ ଆସିଛି । ଏଥିପାଇଁ କେନ୍ଦ୍ର ଗୃହବିଭାଗ ଅଧିକ ସତର୍କତାର ସହ କାର୍ଯ୍ୟ କରୁଛି । କାରଣ ଭିନ୍ନ ଭିନ୍ନ ରାଜ୍ୟରେ ଥିବା ବିରୋଧୀ ପକ୍ଷର ସରକାର ସେହିସବୁ ଦେଶ ବିରୋଧୀ ଗୋଷ୍ଠୀଙ୍କୁ ତତ୍‌କାଳୀନ ଲାଭ ପାଇଁ ପ୍ରୋତ୍ସାହିତ କରିପାରନ୍ତି । ବିଗତ ଦିନରେ ଦିଲ୍ଲୀରେ ଘଟିଥିବା ଦଙ୍ଗାରେ ଶାସକଦଳର ଲୋକଙ୍କ ସଂପୃକ୍ତିରୁ ଏହା ପ୍ରମାଣିତ ହୋଇଛି ।

ଏବେ ଦାଉଦର ବ୍ୟବସାୟକୁ ଭାରତରେ ଇକ୍‌ବାଲ କାସକର ଦେଖୁଛି । ଦାଉଦର ଡାହାଣ ହାତ କୁହାଯାଉଥିବା ଛୋଟା ସକିଲ ସହ ମିଶି ସେ କାମ କରୁଥିଲା । ଥାଣେର ବିଲଡର ସୁରେଶ ଦେବୀଚନ୍ଦ ମେହେଟାଙ୍କୁ ତିନିକୋଟି ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ସେ ଜେଲରେ ରହିଛି । ଦାଉଦ ଗୋଷ୍ଠୀ ଉତ୍ତର ଭାରତର ଅନେକ ରାଜ୍ୟରେ ସନ୍ତ୍ରାସ ପାଇଁ ସ୍ଲିପର ସେଲ ତିଆରି କରିବାକୁ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ନିର୍ଦ୍ଦେଶରେ ଅର୍ଥ ଦେଉଛି ବୋଲି ଜାତୀୟ ଅନୁସନ୍ଧାନକାରୀ ସଂସ୍ଥା (ଏନ୍ଆଇଏ)ର ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ବିଗତ ୨୦ ମାସ ଭିତରେ ଦାଉଦର ୨୪ଜଣ ସହଯୋଗୀ ଗିରଫ ହୋଇଛନ୍ତି । ସବୁଠୁ ଅଧିକ ଗତବର୍ଷ ୨୦୨୨ର ଅଗଷ୍ଟ ମାସ ମଧ୍ୟରେ ୯ଜଣ ଗିରଫ ହେଲେଣି । ବିଗତ ଦିନରେ ୨୦୨୦ରେ ୭, ୨୦୧୯ରେ ୯, ୨୦୧୮ରେ ୮, ୨୦୧୭ରେ ୬, ୨୦୧୬ରେ ୫, ୨୦୧୫ରେ ୪, ୨୦୧୪ରେ ୨ଜଣ ଦାଉଦ ସହଯୋଗୀଙ୍କୁ ଗିରଫ କରାଯାଇଛି । ଦାଉଦ ଗୋଷ୍ଠୀ ଭାରତରୁ ଅର୍ଥ ସଂଗ୍ରହ କରି ପାକ୍‌ର



ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି । ଏହା ବଦଳରେ ଆଇଏସ୍ଆଇ ଦାଉଦକୁ ପାକ୍‌ରେ ସୁରକ୍ଷା ପ୍ରଦାନ କରୁଛି । ଏହି ଗୋଷ୍ଠୀ ଜୁଆଖେଳ, ଦାଦାବଟି, ନିଶାକାରବାର, ବିଲଡରଙ୍କୁ ଧମକ ଦେଇ ଅର୍ଥ ସଂଗ୍ରହ କରିଥା'ନ୍ତି । ଦାଉଦର ସବୁ କାମ ଏବେ ଭାଇ ଅନିସ ହିଁ ବୁଝୁଥିବା ଜଣାପଡିଛି । ନିକଟରେ ଉତ୍ତର ପ୍ରଦେଶ ଏଟିଏସ୍, ଦିଲ୍ଲୀ ପୁଲିସ, ଏନ୍ଆଇଏ ଏବଂ ଇଡି ହାତରେ ଧରାପଡିଥିବା ଲୋକଙ୍କ ସଂପର୍କ ଦାଉଦ ଇବ୍ରାହିମର ଭାଇ ଅନିସ ଇବ୍ରାହିମ, ଛୋଟା ସକିଲ ଏବଂ ଟାଇଗର ମେମନ ସହ ରହିଥିବା ଜଣାପଡିଛି । ଦାଉଦର ଭାଇ ଅନିସର ସଂପର୍କୀୟ ସଲିମ ଫ୍ରୁଟ ଭାରତରେ ଦାଉଦ ଏବଂ ଛୋଟା ସକିଲ ନାମରେ ମୁମ୍ବାଇର ଅନେକ ବିଲଡରଙ୍କଠାରୁ ଦାଦାବଟି ସଂଗ୍ରହ କରିଥିବା ଖବର ମିଳିଛି ।

ନିକଟରେ ଏନ୍ଆଇଏ ପକ୍ଷରୁ ଦାଉଦର ପୁରୁଣା ସହ ନୂଆ ଫଟୋ ପ୍ରକାଶ କରି ୨୫ଲକ୍ଷ ପୁରସ୍କାର ଘୋଷଣା କରାଯାଇଛି । ଏହାଛଡା ଛୋଟା ସକିଲ (୨୦ଲକ୍ଷ), ଅନିସ ଇବ୍ରାହିମ (୧୫ଲକ୍ଷ), ଜାଭେଦ ଚିକନା (୧୫ଲକ୍ଷ), ଟାଇଗର ମେମନ (୧୫ଲକ୍ଷ) ସଂପର୍କରେ ଅଧିକ ସୂଚନା ଦେବା ପାଇଁ ପୁରୁଣା ସହ ନୂଆ ଫଟୋ ପ୍ରକାଶ ପାଇଛି । ବିବାଦୀୟ ସଂପତ୍ତିକୁ ନିଜ ଅକ୍ତିଆରକୁ ନେଇ ଏହି ଗୋଷ୍ଠୀ କବ୍‌ଜା କରିବାରେ ଲାଗିଛନ୍ତି । ମୁମ୍ବାଇରୁ ଗିରଫ ହୋଇଥିବା ସଲିମ ଫ୍ରୁଟ ନିକଟରୁ ୧୦ହଜାର ପୃଷ୍ଠାର ଜମିଜମା ଦଲିଲ ଜବତ କରାଯାଇଛି । ଦାଉଦ ଗୋଷ୍ଠୀ ଏମ୍‌ଡିଏମ୍‌ଏ, ଏଲ୍‌ଏସ୍‌ଡି, କେଟାମାଇନ ଡ୍ରଗ୍ସର ଚୋରା ଚାଲାଣ କରୁଛନ୍ତି । ଗତ ଦୁଇବର୍ଷରେ ରାଷ୍ଟ୍ରୀୟ ନିଶା ନିୟନ୍ତ୍ରଣ ବ୍ୟୁରୋ (ଏନ୍‌ସିବି) ଲୋକେ ମୁମ୍ବାଇ ନିକଟବର୍ତ୍ତୀ ଅଞ୍ଚଳରୁ ପ୍ରାୟ ୨୦୦୦ କୋଟି ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ କରିସାରିଛନ୍ତି । ଗତ ମାସ ୪ ଅଗଷ୍ଟରେ ଜୁବେର ବୈଦ ମେମନ, ୪ ଫେବୃଆରୀରେ ଅବୁବକର ଗଫୁର ଶେଖକୁ ନିଶା କାରବାର ଅଭିଯୋଗରେ ଗିରଫ କରାଯାଇଛି । ଗତବର୍ଷ ତିନିଜଣଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଗତବର୍ଷ ୧୪ ସେପ୍ଟେମ୍ବର ୨୦୨୧ରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ମହମ୍ମଦ ଶେଖ ଓରଫ ସମୀର, ଓସାମା, ମୂଳଚନ୍ଦ, ଜିଶାନ କମର, ମହମ୍ମଦ ଅବୁବକରକୁ ଗିରଫ କରିଥିଲା । ଏମାନେ ସବୁ ଦଶହରା ଏବଂ ନବରାତ୍ରୀରେ ଧମାକା କରିବା ଯୋଜନାରେ ଥିଲେ । ସେମାନଙ୍କ ମାଷ୍ଟରମାଇଣ୍ଡ ଥିଲା ଓସାମାର ପିତା ଅସୈଦୁର ରହମନ । ଏହାପରେ ୧୮ ସେପ୍ଟେମ୍ବର ୨୦୨୧ରେ ପ୍ରୟାଗରାଜଠାରୁ ଓସାମାର ଦାଦା ହମୈଦୁର ରହମାନକୁ ଉତ୍ତର ପ୍ରଦେଶର ଏଟିଏସ୍ ପୁଲିସ ଗିରଫ କରିଥିଲା । ତାର ବୟାନ ଅନୁସାରେ ଅସୈଦୁର ରହମାନ କଥାନୁସାରେ ସେ କେତେକ ଯୁବକଙ୍କୁ ଟ୍ରେନିଂ ପାଇଁ ପାକିସ୍ଥାନକୁ ପଠାଇଥିଲା । ସେମାନଙ୍କୁ ପାକ୍‌ର ଗ୍ୱାଦର ବନ୍ଦରର ଏକ ଫାର୍ମ ହାଉସରେ ରଖାଯାଇଥିଲା ଏବଂ ଆଇଏସ୍ଆଇର ଜଣେ କର୍ଣ୍ଣେଲସ୍ତରୀୟ ଅଧିକାରୀ ସେଠାରେ ପ୍ରଶିକ୍ଷଣ ଦେଇଥିଲେ ।

ପାକିସ୍ଥାନର ତିନୋଟି ସ୍ଥାନରେ ଏବେ ଦାଉଦର ଘର ରହିଛି । (୧) ମୋଇନ ପ୍ୟାଲେସ, ଦ୍ୱିତୀୟ ମହଲା, ଅବଦୁଲ୍ଲା ଶାହ ଗାଜି ଦରଗାହ ସମ୍ମୁଖ, କ୍ଲିଫଟନ୍, କରାଚି, (୨) ୬/ଏ ଖ୍ୱାବନ ତନଜିମ୍ ଫେଜ-୫, ଡିଫେନ୍ସ ହାଉସିଂ ଏରିଆ, କରାଚି, (୩) ମରଗଲ୍ଲା ରୋଡ, ପି-୬/୨, ଷ୍ଟ୍ରୀଟ ନମ୍ବର ୨୨, ହାଉସ ନମ୍ବର -୨୯, ଇସଲାମାବାଦ । ଦାଉଦର ପରିବାର ମଧ୍ୟରୁ ଅନିସ ଇବ୍ରାହିମ (କରାଚି), ହୁମାୟୁନ (କରାଚି), ଇକବାଲ କାସକର (ମୁମ୍ବାଇ), ନୁରୁ (ସାଉଦି ଆରବ-କରାଚି), ମୁସ୍ତକିନ (ସାଉଦିଆରବ-କରାଚି), ଭଉଣୀ ୯ହସିନା ପାର୍କର, ଜୈମୁନ (ଦୁବାଇ), ମମତାଜ (ସାଉଦି ଆରବ) ଅଛନ୍ତି । ଦାଉଦର ତିନୋଟି ଦୁବାଇ, ୪ଟି ପାକିସ୍ଥାନୀ ଏବଂ ଗୋଟିଏ ଡୋମିନିକାର ପାସ୍‌ପୋର୍ଟ ରହିଛି ।

ଟଙ୍କା ଜାଲିଆତି ମାମଲାର ଯାଞ୍ଚ କରୁଥିବା ଇଡିର ସାକ୍ଷୀ ଖାଲିସ ଉସ୍‌ମାନ ଶେଖ ୨୪ ମଇ ୨୦୨୨ରେ ପ୍ରକାଶ କରିଥିଲା ଯେ ଦାଉଦ ନିଜର ଭାଇ ଭଉଣୀ ଏବଂ ସଂପର୍କୀୟମାନଙ୍କୁ ୧୦-୧୦ ଲକ୍ଷ ଟଙ୍କା ପ୍ରତିମାସ ପଠାଉଛି । ୧୭ ଏପ୍ରିଲ ୨୦୨୨ରେ ଇଡି ପକ୍ଷରୁ ଦାଉଦର ଭାଇ କାସକର ବିରୁଦ୍ଧରେ ଯେଉଁ ଚାର୍ଜସିଟ୍ ଦାଖଲ ହୋଇଥିଲା ସେଥିରେ ମୁମ୍ବାଇର ବିଲଡର ଏବଂ ସେଲିବ୍ରିଟିଙ୍କଠାରୁ ବଟି ଆଦାୟ କରୁଥିବା ଉଲ୍ଲେଖ ଥିଲା । ୨୦୦୩ରେ କାସକରକୁ ପ୍ରତ୍ୟର୍ପଣ ପରେ ଭାରତକୁ ଅଣାଯାଇଥିଲା । ୧୫ ଫେବୃଆରୀ ୨୦୨୨ଦିନ ଦାଉଦର ଭଉଣୀ ଏବଂ ନିକଟ ସଂପର୍କୀୟମାନଙ୍କ ୧୦ଟି ସ୍ଥାନରେ ଇଡି ପକ୍ଷରୁ ଚଢାଉ ହୋଇଥିଲା । ସଲିମ କୁରୈସୀ ଓରଫ୍ ସଲିମ ଫ୍ରୁଟକୁ ଏନ୍ଆଇଏ ଗିରଫ କରିଥିଲା । ପାକିସ୍ଥାନରେ ଅନିସ ଇବ୍ରାହିମ ଘରେ ଦୁଇଦିନ ପାଇଁ ସେ ରହିଥିବା କଥା ସ୍ୱୀକାର କରିଥିଲା । ୪ ଫେବୃଆରୀ ୨୦୨୨ରେ ଅବୁବକର ଅବଦୁଲ ଗଫୁର ଶେଖକୁ ମୁମ୍ବାଇ ବିସ୍ଫୋରଣର ୨୯ ବର୍ଷ ପରେ ଗିରଫ କରାଯାଇଥିଲା । ପିଓକେରେ ସେ ଟ୍ରେନିଂ ପାଇଥିବା କଥା ସ୍ୱୀକାର କରିଥିଲା । ଦାଉଦ ଇବ୍ରାହିମର ଦୁବାଇସ୍ଥିତ ଘରେ ସେ ରହିଥିବା ବିଷୟ ମାନିଥିଲା ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ସାହିତ୍ୟ ଦର୍ପଣ





**ବାଉରିବନ୍ଧୁ ଲେଙ୍କା**



## ଧଳା ପାଉଡର

ରବିବାର ଥାଏ । ସମୟ ପ୍ରାୟ ଦିନ ଅଢେଇଟାରୁ ତିନିଟା ଭିତରେ ହେବ । ଅସରାଏ ଭଲ ଛମ୍ ଛମ୍ ବର୍ଷା ପରେ ପୁଣି ନିରୁତା ହାଡଭଙ୍ଗା ଖରାଟା ଘର ଛାତକୁ ପୂରା ତତେଇ କରି ରଖିଥାଏ । ଲଞ୍ଚ ଖାଇବା ପରେ ପରେ ଅନୀତା ବେଡ୍ ଉପରେ ଗଡପଡ ହେଉ ହେଉ ଆଖି ଲାଗି ଯାଇଛି । ସ୍ୱାମୀ ବିନୟ ବାବୁ ଭୁବନେଶ୍ୱର ପୋଲିସ୍ କମିସନରେଟ୍ ରେ ଜଣେ ପୋଲିସ ଅଫିସର୍ ଭାବେ କାମ କରନ୍ତି । ସେ ବି କୌଣସି ଏକ ମାଗାଜିନ୍ ର ପୃଷ୍ଠା ଲେଉଟାଉ ଲେଉଟାଉ ସେଇ ବେଡ୍ ରୁମ୍ ର ଏକ ଚେୟାର୍ ଉପରେ ଢୁଳେଇ ପଡିଛନ୍ତି ।

କଲିଙ୍ଗ୍ ବେଲ୍ ଶବ୍ଦ ଶୁଣି ଅନୀତାଙ୍କ ନିଦ ଭାଙ୍ଗିଗଲା । ଧଡପଡ ହୋଇ ଉଠି କବାଟ ଖୋଲିବା ପାଇଁ ଗଲେ । ଭାବୁଥିଲେ କେହି କୁଣିଆ ଆସିଲେ ବୋଲି । କବାଟ ଖୋଲି ଦେଖନ୍ତି ତ କାମବାଲି ନେତ ଠିଆହୋଇଛି । ଅସମୟରେ ଆସିବାର ଦେଖି ପଚାରିଲେ, ' ଆରେ ଆଜି କଣ ଏତେ ବେଳାବେଳି ପଳେଇ ଆସିଲୁ ? କୁଆଡେ କଣ ଯିବାର ଯୋଜନା ଅଛିକି ? ପୁଣି ଛୁଟି ଦରକାର ବୋଲି କହିବୁନା ?

ନେତ କାନ୍ଦ କାନ୍ଦ ହୋଇ ଡ୍ରଇଁ ହଲ୍ ଭିତରକୁ ପଶିଆସି କଇଁ କଇଁ ହୋଇ କାନ୍ଦିବାରେ ଲାଗିଲା । ଅନୀତା କିଛି ବୁଝି ପାରିଲେ ନାହିଁ । କବାଟ ବନ୍ଦ କରି ଅନ୍ୟ ଏକ ରୁମ୍ କୁ ନେଇ ପଚାରିଲେ , ' କଣ ହେଲା ତୋର ? କହତ କାହିଁକି କାନ୍ଦୁଛୁ । ସ୍ୱାମୀ ସ୍ତ୍ରୀ ଦୁହେଁ ଝଗଡା କରିଛ ନା ଆଉ କିଛି ?'

ନେତର କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥାଏ । ସେ ସବୁକଥା କହି ପାରିବା ଅବସ୍ଥାରେ ନଥାଏ । ଅନୀତା ଜାଣି ପାରିଲେ ସେ ସକାଳୁ କିଛି ଖାଇନାହିଁ । ଯଦିଓ ସେମାନେ ଲଞ୍ଚ୍ କରି ସାରିଥିଲେ ସବୁ ଖାଇବା ଜିନିଷ ବଳକା ଥିଲା । ସେ ତା ପାଇଁ ଗୋଟିଏ ପ୍ଲେଟରେ ଖାଇବା ଆଣି ଦେଲେ । ନେତ ମନା କରିବା ସତ୍ୱେ ସେ ତାକୁ ବାଧ୍ୟକରି ଖୁଆଇଲେ ।

ଖାଇ ସାରିବା ପରେ ଅନୀତା କଣ ହୋଇଛି ବୋଲି ପଚାରିଥିଲେ ।

ନେତ କାନ୍ଦ କାନ୍ଦ ହୋଇ କହିଲା , ' ମୋର ଘର ପରିବାର କରିବା ଆଜିଠୁ ସରିଗଲା । ସବୁଦିନେ ମାରଧର କରୁଥିଲା । ଆଜି ମାରି ମାରି ଗଳା ଧକ୍କା ଦେଇ ଘରୁ ବାହାର କରିଦେଲା । ପୁଅ ଝିଅ ଦୁଇଟି ସେଠି ବସି କାନ୍ଦୁଛନ୍ତି । ମୁଁ ତମ ଘର ଆଡେ ଆସିଛି ।'

ମାରିବାର କାରଣ କଣ ? — ପଚାରିଲେ ଅନୀତା ।

' ଯେଉଁଦିନ ଯାହା ଘଟେ ତ ସବୁ ତମ ଆଗରେ କହେ । ଆଉ ସେ ସବୁ କଥା ପୁଣିଥରେ କଣ ବା କହିବି । ଆଜି ସକାଳେ ସମସ୍ତଙ୍କ କାମ ସାରି ଘରକୁ ଫେରିଲା ବେଳକୁ ପ୍ରାୟ ସକାଳ ନଅ ଟା ହୋଇଥିଲା । ଘରେ ପଶୁ ପଶୁ ମତେ ପାଞ୍ଚ ଶହ ଟଙ୍କା ମାଗିଲା । ମୋ ପାଖରେ ପ୍ରକୃତରେ ପଇସା ନଥିରବାରୁ ମନାକଲି । ଯେଉଁଠି ବି ଲୁଚେଇ ରଖିଲେ ସବୁ ଦରାଣ୍ଡି ଦୁରୁଣ୍ଡି ନେଇଯାଉଛି । ଯାହା ବି ଟଙ୍କା ନେଲା ସବୁ ସାଙ୍ଗମାନଙ୍କ ସହ ମିଶି ସେ ଧଳା ପାଉଡର ( ବ୍ରାଉନ୍ ସୁଗାର ) କିଣି ପିଉଛି । ଘରେ ଆସି ମାରଧର କରୁଛି । ଯେତେବେଳେ ପଇସା ହାତରୁ ସରି ଯାଉଛି ବାତୁଳାଙ୍କ ପରି ହୋଇ ମୋ ସହିତ ପାଟି ତୁଣ୍ଡ ଓ ମାଡ ପିଟ୍ । କେତେ ଆଉ ସହିବି ? ଆଜି ତ ସବୁ ସୀମା ଟପିଗଲା । ମାରି ମାରି ଘରୁ ବାହାର କରିଦେଲା । ମୋର ତ ହୀନ କପାଳ, ଆଉ କାହାକୁ ଦୋଷ ଦେଇ ଲାଭ କଣ ? କେତେ ଅଲିଅଳରେ ବାପ ଘରେ ବଢିଥିଲେ । ମୋ ଦେହରେ ଟିପଟିଏ ବି କେହି ଦେଇ ନଥିଲେ । କେବେ ବି ଭାବି ନଥିଲି ବାହାହୋଇ ଆସି, ମତେ ଅନ୍ୟମାନଙ୍କ ଘରେ କାମ କରି ପଇସା ରୋଜଗାର କରବାକୁ ପଡିବ ବୋଲି । ମୋ ବାପା ଓ ଭାଇଙ୍କୁ ସବୁ ମିଛ କଥା କହି ବାହାଘର କରିଦେଲେ । ବାହାଘର ସରିଲା ପରେ ଆଉ କଣ ବା ହୋଇ ପାରି ଥାଆନ୍ତା । ପ୍ରଥମେ ପ୍ରଥମେ ସେ କାହାର ଗାଡି ଚଳଉଥିଲା । ଯାହା ପଇସା ପାଏ ସବୁ ସାଙ୍ଗ ମାନଙ୍କ ସହ ମଦ ପିଇବା ଓ ମସ୍ତି କରିବାରେ ଉଡେଇ ଦେଉଥିଲା । ମନ ହେଲେ ଯିବ ନହେଲେ ଘରେ ଶୋଇବ ? ଏମିତି କଲେ କୋଉ ମାଲିକଟା ତାକୁ ରଖିବ ଯେ ? ଗୋଟେ ରଙ୍ଗ ମିସ୍ତ୍ରୀ ସାଙ୍ଗରେ କାମ କରିବାକୁ ଗଲା ଯେ ତା ସାଙ୍ଗରେ ଝଗଡା ଝାଣ୍ଟି କରି ଯିବା ବନ୍ଦ କରିଦେଲା । ଆଗରୁ ମଦ ପିଉଥିଲା, ଏବେ ସେ ଧଳା ପାଉଡର କଣ ପିଉଛି । ଛାଡ ସେ କଥା ମାଆ, ଆଉ ସେ ସବୁ କହି ଲାଭ କିଛି ନାହିଁ । ହଁ ମାଆ ମୁଁ ଆସିଲା ବେଳେ ଛୁଟି ମାଗିବି ବୋଲି କହୁଥିଲ ନା ? ଠିକ୍ କହିଛନ୍ତି ମାଆ । ମୁଁ ଦିନେ ଦୁଇଦିନ ପାଇଁ ନୁହେଁ , ତୁମଠୁ ସବୁଦିନ ପାଇଁ ଛୁଟି ମାଗିବାକୁ ଆସିଛି । ଆଉ ତମ ଘରକୁ କାମ କରିବା ପାଇଁ ଆସି ପାରିବି ନାହିଁ ମାଆ । ପିଲା ଦୁଇଟିଙ୍କୁ ନେଇ ମୋ ବାପଘର ପୁରୀ ପଳେଇ ଯିବି । ଏଠି ରହିବାକୁ ମୋର ଘର କାହିଁ ଯେ ରହିବି । ଏ ମାସରେ ମୋର ଯେତିକି ଦିନ କାମ କରିଛି ଯଦି ଦେଇ ଦିଅନ୍ତ , ଗାଡି କରି ପଳେଇ ଯାଆନ୍ତି । ଏବେ ଏଇ କରୋଣା ପାଇଁ ବସ୍ କି ଟ୍ରେନ୍ କିଛି ଚାଲୁ ନାହିଁ । ଅଟୋବାଲାକୁ କୁହାବୋଲା କରି ଯୁଆଡୁ ଯେମିତି କରି ପୁରୀ ପଳେଇବି ।'

ଅନୀତା ନେତର କଥା ଶୁଣି ଅତ୍ୟନ୍ତ ଦୁଃଖିତ ହୋଇ ଯାଇଥିଲେ । ସେ ବି ଜଣେ ନାରୀ , ସେ କଣ ଏପରି ନିର୍ଯାତନା ଆଜିଯାଏ ସହି ରହି ପାରିଥାଆନ୍ତେ ? ସେ କେବଳ ଦୁଃଖ ପ୍ରକାଶ କରିବା ସହ ତାକୁ ସାନ୍ତ୍ୱନା ହିଁ ଦେଇଥିଲେ । ତା'ର ପୂରା ମାସର ପଇସା ସହ ପୁରୀ ଯିବା ପାଇଁ ଟାକ୍ସି ଭଡା ଓ କିଛି ପୁରୁଣା ଶାଢୀ ତା ହାତରେ ଧରେଇ କହିଲେ, ' ଯାଆ ନେତ ବ୍ୟସ୍ତ ହେବୁନି , ମୁଁ ତୋ ପାଇଁ କିଛି କରି ପାରିଲି ନାହିଁ । ଭଗବାନଙ୍କୁ ଡାକୁଛି ସବୁ ଠିକ୍ ହୋଇଯିବ ।'

ଅନୀତାଙ୍କ ସ୍ୱାମୀ ବିନୟ ବାବୁ ସବୁ କଥା ଶୁଣୁଥିଲେ । ଏହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା ।

ଦୁଇଦିନ ପରେ ଏକ ଖବର କାଗଜରେ ସମ୍ବାଦ ପ୍ରକାଶ ପାଇଥିଲା କି ଭୁବନେଶ୍ୱର ପୋଲିସ୍ କମିସନରେଟ୍ ର ଡ୍ରଗ ଟାସ୍କ ଫୋର୍ସ ଅବୈଧ ଭାବେ ବ୍ରାଉନ୍ ସୁଗାର୍ କାରବାର କରୁଥିବା ଦୁଇଜଣ ବ୍ୟକ୍ତିଙ୍କ ସହିତ ନେତ ର ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ନେତର ସ୍ୱାମୀ ବ୍ରାଉନ୍ ସୁଗାର କିଣିବାକୁ ଯାଇ ସେମାନଙ୍କ ସହିତ ଏକ ବଡ ଧରଣର ଗଣ୍ଡଗୋଳରେ ଲିପ୍ତ ଥିଲା ।

**ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର**
**ଭୁବନେଶ୍ୱର, ମୋ- ୯୮୫୩୫୩୫୮୪୪**

## କୋରାନା ଆସିଲା ରୋଗରେ ଗ୍ରାସିଲା

**ସୁନୀଲ କୁମାର ପ୍ରଧାନ**



କେତେ କଷ୍ଟ ସତେ ଦେଇ
ଏବେ ନୂଆଁ ରୋଗ ପୁଣି ଆସୁଅଛି
ବିଏଫ ସାତ ଯେ ହୋଇ ।
କମ୍ ସମୟରେ ସଂକ୍ରମଣ ହାର
ବହୁତ ବଢୁଛି ଭାଇ
ଚୀନ୍ ଦେଶରେ ଏହା ଚାଲିଅଛି
ସଜାଗ ହୋଇବା ରହି ।
କେତେ ନାନା ରୂପ ଧରି ଯେ
କୋରାନା
ଆସୁଛି ଏହି ବରଷ
ଏହି ରୋଗ ଜମା ମୂଳରୁ ମରିନି
ପିନ୍ଧୁଥିବା ସଦା ମାସ୍କ ।
ଟୀକା ନେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରାଳୟ
ଦେଉଛି ପୁଣି ସୁଚେଇ
ବୁଷ୍ଟୋର ଟିକାଟି ନେବା ଯେ ସମସ୍ତେ
ରୋଗ ଯେ ଯିବ ଦୂରେଇ ।
ଆମରି ଜାଗ୍ରତ ଆମରି ହାତରେ
ରହିବା ପୁଣି ସର୍ତକ
ନୂଆଁ ରୋଗଟିକୁ ଦମନ କରିବା
ନ ପାଇବା କେବେ ଦୁଃଖ ।

**ଝାଟିପଦର,ପାଲୁର, ଗଞ୍ଜାମ**
**ମୋ - ୭୬୦୯୯୩୪୩୬୬**



## ବିଳାପ

**ସୁଧାକର ରାଉତ**

ମୋହମଗ୍ନା ଏଇ ନିଥର ଶରୀରେ
ଶୀତ ଲଗାଉଛି ନିଆଁ
ନିରିଖେଇ ଚାହେଁ ଧୂସର ଆକାଶୁ
ଉଠୁଛି ଅଶାନ୍ତି ଧୂଆଁ ।
କାମିନୀ କାଞ୍ଚନ ମାରଣ ଯଜ୍ଞରେ
ଜୀଅନ୍ତା ଶବ ଆହୂତି
ଦିଏ ନିତି ନର ପିଶାଚ୍ ସାଜିଣ
ଦେଖି ଲାଗେ ବଡ଼ ଭୀତି ।
ଟିକିଏ ସୁଖର ଲାଳସା କୁ ନେଇ
ମେଞ୍ଚା ମେଞ୍ଚା ଦୁଃଖ ?ଳି
କେତେ ଦିନ ଆଉ ମୁଖା ପିନ୍ଧିଥିବ
ଦେଇ ଅବଳାରେ ବଳୀ ।
ତୁମ ଲୋଲୁପ ଦୃଷ୍ଟି ରଢ଼ ନିଆଁକୁ
ବୁକୁଚିରା ଯେତେ ଲୁହ
ବରଷିବ ଯେବେ ଅଥୟ ହୋଇବ
ମୃତ୍ୟୁକୁ ଟେକିବ ଦେହ ।
ଅମଣିଷ ପଣିଆ,ଅବିବେକତା
ଲୋଟିବ ହରାଇ ସତ୍ତା
କୃତ କର୍ମ ଫଳ ସ୍ୱାଦ ଚଖାଇବା
ପାଇଁ ସିଏ ଦିଏ ବାର୍ତ୍ତା ।

**ପ୍ରତାପ ନଗରୀ, କଟକ**
**ମୋ-୮୨୪୯୯୩୨୭୯୨**

## :ବଣଫୁଲ:-

**ନିହାର ରଞ୍ଜନ ମହାନ୍ତ**



ଫୁଟିଥିଲି ମୁଁ ବଣରେ
ଝଡିଯିବି ମୁଁ ବଣରେ,
ବଣ ଫୁଲ ହେଇରହିଯିବି ମୁଁହି
କଷ୍ଟ ଦେବିନାହିଁ କାହା ମନରେ
ଦୁଃଖ ଦେଇଗଲା ସମୟ,
ଯେଣେ ମେଘୁଆ ରାତି ର ତାରାଟେ
ଦୂର ଆକାଶରେ ଜଳୁଥିବି ମୁଁହି ।
କେହି ନଦେଖିଲେ ଦୁଃଖମନଟେ
ଆକାଶର ଜହ୍ନ ନୁହେଁ ମୁଁ ,
ସୂର୍ଯ୍ୟ ଆଲୋକେ ଜଳିବି
ଉତ୍ତରି ଆକାଶେ ଧ୍ରୁବ ତାରା ମୁଁ ।
ବାଟୋଇଙ୍କୁ ସାହା ହୋଇବି
ମନରେ ମୋର କଷ୍ଟ ଗୋଟିଏ,
ପ୍ରଭୁଙ୍କ ପାଦରେ ଲାଗିନି ଓ
ସୌଦାଗର ଆସେ ଦେଖି ଚାଲିଯାଏ,
ଯଥେଷ୍ଟ ସମ୍ମାନ ପାଇନି ।
ବଣର ଫୁଲ ମୁଁ ବଣୁଆ ମହକ
ଘଡିକେ ମନ ମୋହିଦିଏ,
ଔଷଧୀୟ ଗୁଣଜ୍ଞାନ ର ଆଲୋକ
ଯେ ଧରେ ସେ ଜାଣିଦିଏ ।
କେହି ବୁଝନ୍ତିନି ମୋହରି ମନକୁ
କେହି ଜାଣନ୍ତିନି ମତେ,
ବଣରେ ଥିବା ଛୋଟିଆ ଫୁଲଟେ
ହେଲେ ଗୁଣତ ମୋହର ଏତେ ।
ଭରଷା ଅଛି ପବନରେ ମୋର
ମହକ ମୋ ମୋହିନବ,
ନିଜ ସାମର୍ଥ୍ୟରେ ମହକକୁ ମୋର
ଦୂର ଦେଶେ ଗାଇଦବ ଓ



**ନୂଆପାଟଣା , ଜଗତସିଂହପୁର**
**ମୋବାଇଲ : ୮୪୮୦୨୦୮୩୬୪**

## ପ୍ରୀୟା ପାଇଁ ପଦେ-୨

**ଅରୁଣ କୁମାର ବିଶ୍ୱାଳ**



ତୁମେ ସିନା ବଦଳି ଯାଇଛ କ୍ୟାଲେଣ୍ଡର ନୂଆ ଫର୍ଦ୍ଦ ହୋଇ
ମୁଁ କିନ୍ତୁ ଏବେବି ରହିଛି ଅଭୁଲା ମୋ' ଅତୀତକୁ ନେଇ ॥
ନିତିନିତି ନୂଆ ସ୍ୱପ୍ନ ନୂଆ ଆଶା ନୂତନ ଠିକଣା
ମୋ'ପାଇଁ ଅଲୋଡା ସବୁ ଅପହଞ୍ଚ ନିହାତି ଅଜଣା
ମୁଁ ସିନା ପରିତ୍ୟକ୍ତ କ୍ୟାଲେଣ୍ଡର ଆଜି ତୁମପାଇଁ
ଖୁସି ଅଛି ଏବେ ପ୍ରୀୟା ମୁଁ ମୋ'ର ଅତୀତକୁ ନେଇ ॥
ରାତିପାଇଁ ସ୍ୱପ୍ନ ବଦଳିଛି ବଦଳିଛି ପ୍ରେମପାଇଁ ଦିନ
ମୋ' ପାଇଁ ପାଇଗଲା ରାତି ଅଧା ମୋ'ର ରହିଗଲା ସ୍ୱପ୍ନ
ସବୁଋତୁ ବସନ୍ତ ତୁମର ଫଗୁଣ ଅଫେରା ମୋ'ପାଇଁ
ତଥାପି ମୁଁ ଭଲ ଅଛି ପ୍ରୀୟା ତୁମ ସ୍ମୃତି ପାଶେ ସଦା ନେଇ ॥

**ଓଙ୍କାର ବିହାର,**
**ରଘୁନାଥପୁର ଜଳି,କିଟ**
**ଭୁବନେଶ୍ୱର**

**ବିପ୍ଳବ**





## ଧୋବେଇ କୋରଟିଆ

-"ମା' ପାଣି ମନ୍ଦେ ଦିଅ । ମା' ପାଣି ମନ୍ଦେ ଦିଅ ।"

ଦୁଇଥର ଡାକିଦେଇ ଲୋକଟି ଦାଣ୍ଡ ପିଣ୍ଡାରେ ଲଥିକରି ବସିପଡିଲା ।

ଦୁଇଟି ଘରଚଟିଆ ଚଢେଇ ଚିଁ ଚିଁ ଶବ୍ଦକରି ଚାଳରୁ ଉଡି ଚାଲିଗଲେ । ତାଙ୍କ କୁନି କୁନି ଡେଣାର ସାମାନ୍ୟ ହାଲୁକା ପବନ ଲୋକଟି ପିଠିରେ ଘସି ହୋଇଗଲା ଯେମିତି । ଲୋକଟି ମୁଣ୍ଡରେ ଠେକା ଭିଡିଥିବା ପାଣି ଗାମୁଛାଟିକୁ ଖୋଲି ମୁହଁର ଝାଳ ସବୁ ପୋଛିଲା । ଦର ଆଉଜା କବାଟକୁ ସାମାନ୍ୟ ଠେଲି ଘର ଭିତରକୁ ମୁହଁ କରି ପୁଣି ଥରେ ବିକଳ ସ୍ୱରରେ ଡାକିଲା -ମା'.....

ନା । କେହି ଦିଶୁନଥିଲେ । ବୋଧ ହୁଏ ଟାଣ ଖରାକୁ ସମସ୍ତେ ନିଦେଇ ଯାଇଛନ୍ତି । କାହାର ବା ଗରଜ ପଡିଛି ଅଜଣା ଅଶୁଣା ଲୋକର ଡାକ ଶୁଣିବାକୁ ? ଯେଝା ଘରେ ଯେଝା ଆରାମ କରୁଥିବେ । ଲୋକଟି ମନକୁ ମନ ଭାବିଲା ।

ବୁଢା ବାବୁ କି ମା'ସାଆନ୍ତାଣି କେହି ଦିଶୁନାହାଁନ୍ତି । ଯୋଗୀ ଭିକାରୀଙ୍କ ପାଇଁ ସଦାବେଳେ ଯାଙ୍କର ଦୁଆର ମେଲା ରହିଥାଏ, ବଡ ଦେଉଳର ସିଂହ ଦୁଆର ପରି । ନା ଥାଏ ବାଧା ନା ବନ୍ଧନ । ଏ ମହାମାରୀ ରୋଗଟା ପାଇଁ ସବୁଆଡେ କଟକଣା । ସ୍ନେହ ସଂପର୍କ ସବୁ ହଜିଗଲାଣି ଯେମିତି । ରୋଗ ଭୟରେ ଆଉ କବାଟ ଆଉଜି ଦେଇ ନାହାଁନ୍ତି ତ ! ଭାବନାର ବୁଢିଆଣୀ ଜାଲ ଭିତରେ ନିଜକୁ ନିଜେ ଛନ୍ଦି ହେଉଥିଲା ଲୋକଟି । କ'ଣ ହେଇଛି କେଜାଣି ? ସେଇ ମା'ମଙ୍ଗଳାଙ୍କୁ ଜଣା ।

ଲୋକଟି ଭାବନାରେ ପୂର୍ଣ୍ଣଛେଦ ପଡିଲା ।

ଖୁଁ ଖୁଁ କାଶ ସହିତ କ୍ଷୀଣ ଶବ୍ଦଟିଏ ଶୁଭିଲା ।

-ଆରେ ବା, କିଏ ଡାକୁଛ ?

- ଆରେ, ଏତ ମା'ସାଆନ୍ତାଣୀଙ୍କ ପାଟି । ନହେଲେ ଏତେ ମଧୁବୋଳା ପେଟପୁରା ଡାକ କାହାର ହେବ ?

ସେ କବାଟକୁ ସାମାନ୍ୟ ଠେଲି ଭିତରକୁ ଅନେଇଲା । ସତକୁ ସତ ମା'ସାଆନ୍ତାଣି । ହେଲେ ଏ ଗୁହାଳଘରେ ! ଲୋକଟି ସାହାସ ସଞ୍ଚୟ କରି ଆଉ ଟିକିଏ ଆଗକୁ ଗଲା । ସେଠି ଗୁହାଳ ହିଁ ନଥିଲା । ତା'ର ନକ୍ସା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା ।

ଘୋଡା ଛୁଆ ପରି ଉଚ୍ଚାଁ ଉଚ୍ଚାଁ ବଳଦ ହଳକ ଖୁଣ୍ଟରେ ବନ୍ଧା ହୋଇନଥିଲେ । ଘରଟିର ଉପର ସେମିତି ଚାଳ ଛପର ଥିଲା । ଆଉ ଭିତର ବାଲି ସିମେଣ୍ଟ ଦିଆ ହୋଇ ପଲସ୍ତରା ହୋଇଥିଲା । ବଳଦ ହଳକ ନଥିଲେ ବି ସେ ଖାଉଥିବା କୁଣ୍ଡାତୋରାଣି କୁଣ୍ଡଟି ଘରର ଗୋଟିଏ କୋଣକୁ ଆଉଜା ହୋଇଥିଲା । ତା' କରକୁ ଲାଗି ଦୁଇଟି ଜୁଆଳି, ଜୋତ, ଲଙ୍ଗଳ ଦଉଡି, ଦୁଇ ଚାରିଟା ପାଞ୍ଚଣ, ଦୁଇ ହଳ ତୁଣ୍ଡି ଥୁଆ ହୋଇଥିଲା । ଘରର ଅଗ୍ନିକୋଣରେ ଭଙ୍ଗା ମଇଟିଏ ଡେରା ହୋଇଥିଲା ଏବଂ ତଳେ ଦୁଇ ହଳ ବାକୁଲି ଅଯତ୍ନ ଭାବରେ ପଡିଥିଲା ।

ମା'ସାଆନ୍ତାଣି ପୂର୍ବ ଅପେକ୍ଷା ଦୁର୍ବଳ ଜଣାପଡୁଥିଲେ । ଗୋଟିଏ ହେଁସ ଉପରେ ପୁରୁଣା ପିନ୍ଧା ଲୁଗା ଖଣ୍ଡିଏ ପଡିଥିଲା । ଆଉ ତେଲ ଚିକିଟା ମାଣ୍ଡି ଗୋଟେ ବି ଥୁଆ ହୋଇଥିଲା । ମା'ସାଆନ୍ତାଣି ସେଇଠି ଶୋଇଥିଲେ । ମାଣ୍ଡିର ଗୋଟଏ କଡକୁ ତାଙ୍କର ମୁଣ୍ଡଟି ଢଳି ପଡିଥିଲା । ମୁଣ୍ଡପଛ ପାଖରେ ପାଣି ଢାଳ, ଟଉ ଗିଲାସଟିଏ , ପାନପେଡା, ଚୂନଘଡି , ଗୁଡାଖୁ ଡବା ଇତ୍ୟାଦି ଥୁଆ ହୋଇଥିଲା ।

ଲୋକଟି ଆସ୍ତେକରି ଡାକିଲା -ମା'ସାଆନ୍ତାଣି, ମୁଁ ଧୋବେଇ ଆସିଛି । ଧୋବେଇ କୋରଟିଆ, ନରଣପୁରିଆ । ତମ ବୁଢାପୁଅ ।

ନିଜ ପରିଚୟ ଦେଇସାରି ଲୋକଟି ଜାକିଜୁକି ହୋଇ କଇଁଛ ପରି ଠିଆ ହେଲା । ବୁଢି ହାତ ହଲାଇ କିଛି ଇସାରା କଲା । ଲୋକଟି ଇସାରା ବୁଝିପାରିଲା ବୋଧ ହୁଏ । ବୁଢିଙ୍କୁ କାନ୍ଥର ଗୋଟିଏ କଡକୁ ଆଉଜେଇ ବସେଇ ଦେଲା ।

- ଆଉ କ'ଣ ଅଛି ଯେ ମରାମତ କରିବାକୁ ଆସିଲୁରେ ପୁଅ । ସେ ସ୍ୱରରେ କୋହ ଭରି ରହିଥିଲା ଯେମିତି !

-କ'ଣ ହୋଇଛି ମା' ।

ବ୍ୟଗ୍ର ହୋଇ ଲୋକଟି ପଚାରିଲା ।

-କ'ଣ କହିବି ତତେ, ତୁ ତ ବାହାର ପିଲାଟା ।

ଦି ବରଷ ହେଲାଣି ତୋର ଦେଖା ଦରଶନ ନାହିଁ । ସେଇ ରଜକୁ ଆଇଥିଲୁ ଯେ ଯାଇଛୁ । ଏ ଘରୁ ଶୀରି ତୁଟିଗଲାଣି ସବୁ । ବୁଢା ସାଆନ୍ତେ ବି ଚାଲିଗଲେଣି କୋଉ ଦିନରୁ । ଦୁନିଆଁ ଦାଣ୍ଡରେ ମୁଁ ଏବେ ଏକା ଭାସୁଛି । ଦେଖୁନୁ, ମୋ ମୁଣ୍ଡରେ ସୁନ୍ଦର ନାଇଁ । ହାତ ନଙ୍ଗଳା ପଡିଚି । ଏକା ଏକା ଦହଗଞ୍ଜ ହଉଚିରେ । ଏଇ ଅକଳରେ କେତେ ବଡବଡିଆ ଆଉ ଭେଣ୍ଡିଆ ପିଲା ଚାଲି ଯାଉସୁନ୍ତି, ଏ ଯମ ଯାହା ମୋତେ ନଉନି ।

-ସେମିତି ଅମଙ୍ଗଳ କଥା ତୁଣ୍ଡରେ ଧରନି ମା'ସାଆନ୍ତାଣି । ଗରିବ ଗୁରୁବାଙ୍କ ପେଟ ତୁମେ ପରା ଚିହ୍ନ । ଲୋକଟି ପ୍ରତିବାଦ କରି କହିଲା ।

- ହଁରେ ବା ମୁଁ ହତଭାଗିନୀଟିଏ । ତାଙ୍କ ଯିବା ପଛେ ପଛେ ହାତୀ ନେଖା ବଦଳଟିଏ ମରିଗଲା । ତା' ପଛକୁ ପିଲାଏ ସେ କସରା ବଦଳଟିକୁ ବିକି ଦେଲେ । କେତେ ବୁଝେଇଲି । ଗୋ ମାତାକୁ କଂସେଇ ହାତକୁ ଦିଅନି । ଆମ ବିଲ ବାଡି ଚଷି ଆମ ପେଟକୁ ଦାନା ଦେଇଛନ୍ତି । ତାଙ୍କୁ କାହା ହାତରେ ଟେକି ଦିଅନି । ସିଏ ବି ଏ ଘରର ପିଲା ପରି । ହେଲେ କିଏ ଶୁଣୁଚି ମୋ କଥା ? ତା'ପଛରେ ବଡନାତୁଣୀଟି କାହା ସାଙ୍ଗେ ପଳେଇ ଗଲା । ଦି ମାସ ପରେ ସୁରଟରେ ଅଛି ବୋଲି ଖବର ଆସିଲା । ବୋପା କୋଉ ସମଳା ପଡେ ? ବୁଢାଙ୍କ ବରଷିକିଆ କର୍ମ ତିନି ପକ୍ଷରେ ସାରି ଝିଅକୁ ଘରକୁ ଆଣିଲା । ଆଉ ପୁଣି ଥରେ ମନ୍ଦିରରେ ବାହା ଦେଲା । କ'ଣ କହିବି ସେ ଲାଜ କଥା । ଦିହେଁ ଶିକ୍ଷିତ ଆଉ ମାଷ୍ଟର । କେତେ ପିଲାଙ୍କୁ ପାଠ ପଢେଇ ମଣିଷ କରୁସନ୍ତି । କୁଆଡେ ଗଲା ତାଙ୍କ ମଣିଷ ପଣିଆ ? ବୋପା ମଲା ବାସି ଘରେ ଚପାକଷ ଗଣ୍ଡଗୋଳ ହେଲେ । ଜମି ଭାଗବଣ୍ଟାବଣ୍ଟି କରିଦେଲେ । ଘର କୁ ବି ବଣ୍ଟାକୁଣ୍ଟା କଲେ । ଶେଷରେ ମୋ କପାଳରେ ଏହି ଗୁହାଳ ପଇଲା ।

ମା'ସାଆନ୍ତାଣି କାନ୍ଦୁଥିଲେ ରାହା ଧରି । ନିରୂପାୟ ହୋଇ ପାଖରେ ବସିଥିଲା ଧୋବେଇ । ଶେଷକୁ ପଦଟିଏ ଡାକିଲା - ମା' ତୁନି ହେଇଯା ।

- କାହିଁକି ଆଉ ମା'ଡାକୁଛୁ ମେତେ । ଗୁହାଳେ କୋଉ ଗାଈ ବନ୍ଧା ହେଇସେନ୍ତି ଯେ ତୋତେ କ୍ଷୀର ଦୁହିଁ ସରବତ କରିଦେବି । କୋଉ ଉଠିକି ଯାଇ ପାରୁଛି ଯେ ହାଣ୍ଡିଶାଳୁ ପଖାଳ ବା ?କି ଦେବି । ମୋ ହାତରେ ଆଉ କିଛି ନାହିଁରେ ଧନ । ଆଉ କୋଉ ଚାଷବାସ ଅଛି ନା ନଉତି, ଗଉଣୀ, ବେତୁଲି, କୁଲା ଅଛି ଯେ ସିଁ ବୁ ? ସବୁ ପୋଡି ନିଆଁ ନାଗି ଗଲା । ଗୋଟାଏ ପାଷ୍ଟିକ୍ କୁଲା ଆଣି ଚାଉଳ ପାଛୁଡୁସୁନ୍ତି । ବାହାରେ ବାଉଁଶ କିଳାରେ ଖଣ୍ଡିଆ କୁଲାଟିଏ ଓହଳିଛି । ତାକୁ କିଆଁ ସିଁ ବୁ ? ମୁଁ'ତ ମଲା ବେଳକୁ ଭଙ୍ଗା କୁଲାଟିଏ ଦରକାର ହେବ ।

ଧୋବେଇର ନିଜ ମା' ନହେଲେ ବି ସେ କନ୍ଦି ପକାଇଲା । ତା' ଆଖି ବତୁରି ଗଲା ଲୁହରେ । ବୁ? କୁ ସାନ୍ତ୍ୱନା ଦେବ କ'ଣ ? ତା ଭୋକ ଶୋଷ ବୁଡି ଯାଉଥିଲା ।

- ତମ ଦୁଆରୁ ଯୋଗୀ ଭିକାରୀ ଖାଲି ପେଟରେ ଫେରନ୍ତିନି ମା'ସାଆନ୍ତାଣି । ପର ପିଲାର ପେଟ ଚିହ୍ନ ତମେ । ତମ କପାଳରେ ଶେଷରେ ଏଇଆ ଥିଲା ? ମୁଁ ପଳେଇ ଯାଉଛି ମା' । ବାବୁମାନେ ଶୁଣିଲେ ମୋତେ ଗାଳି କରିବେ ।

-ଆରେ କେହି ନାହାଁନ୍ତିରେ ପୁଅ । କୋଉ ମନ୍ଦିରରେ ଗୋଟେ ବାହା ଘର ହେଉଛି । ସବୁ ସେଇଠିକି ଯାଇସିନ୍ତି । ସେଇ ବେତୁଲି ତଳେ ମୋ ପାଇଁ ଘୋଡା ହୋଇ ଭାତ ପୁଞ୍ଜେ ଥୁଆ ହୋଇଛି । ଖାଇ ଦେଇ ଯା' ସେଇ ଗଣ୍ଡାକ । ଝାଞ୍ଜି ବଇଶାଖରେ ବାରୁ ଦୁଆର ବୁଲିଥିବୁ । ପେଟ ନାଖି ଯାଉଛି ପିଠିରେ ।

ସେମିତି କୁହନି ମା' । ମୋତେ ପାପ ଲାଗିବ ତମ ଆହାର ମୁଠାକ ଖାଇଲେ । ମୋତେ ଧରମ ସହିବନି ।

ଅଣ୍ଟାରୁ କରାଟ ବାହାର କଲା ବୁଢି । ତିନୋଟି ପଞ୍ଚଟଙ୍କିଆ ମୁଣ୍ଡା । ଧୋବେଇ ହାତକୁ ବଢେଇ ଦେଇ କହିଲା ନେ....ଧ...ଆଉ କିଛି ନାହିଁ ମୋ ପାଖରେ ତତେ ଦବାକୁ । ବରଷ ବରଷ ଧରି ଏଇ ଘରର କେତେ ନଉତି ,ଗଉଣୀ , ବେତୁଲି , ବାଉଁଶିଆ, ସିଁ ଚୁ , ମୋ ଆଖି ସିଁ ଦିଅନ୍ତୁନି । ଯେମେିତି ଟୋପାଏ ଲୁହ ବୁହନ୍ତାନି । ମୁଁ ଅନ୍ଧୁଣୀ ହେଇ ଯାଆନ୍ତି ।

ଠକ୍ ଠକ୍ ଲୁହ ବୋହୁଥିଲା ଧୋବେଇ ଆଖିରୁ ।

ଆଦ୍ର କଣ୍ଠରେ ଶେଷ ଥର ପାଇଁ ଡାକିଲା ମା'...

ସେଇ ପଦିଏ କଥାରେ ଏତେ କାରୁଣ୍ୟ ଭରି ରହିଥିଲା ଯେ ଶୁଣିବା ଲୋକର ଛାତିରୁ ସତିକା ମାଉଁସ ଖସି ପଡିବ !

**ମକୁନ୍ଦପରୁ,ବାଙ୍କୀ**
**ମୋ-୯୪୩୭୪୬୮୦୧୬**




# ପରମହଂସ ଯୋଗାନନ୍ଦ



ବିଦେଶୀମାନଙ୍କୁ ଭାରତୀୟ ଧର୍ମ ସଂସ୍କୃତି ପ୍ରତି ଆଗ୍ରହୀ କରାଇଥିବା ଏବଂ ଶିକ୍ଷାକୁ ଆଧ୍ୟାତ୍ମିକତା ସହ ଯୋଡ଼ିଥିବା ବିଶ୍ୱ ପ୍ରସିଦ୍ଧ ଯୋଗ ଗୁରୁମାନଙ୍କ ମଧ୍ୟରେ ପରମହଂସ ଯୋଗାନନ୍ଦ ଅନ୍ୟତମ। ତାଙ୍କ ପିତୃଦତ୍ତ ନାମ ମୁକୁନ୍ଦ ଲାଲ ଘୋଷ। ଅଟୋବାୟୋଗ୍ରାଫି ଅଫ୍ ଏ ଯୋଗୀ ତାଙ୍କ ଲିଖିତ ପ୍ରସିଦ୍ଧ ଆତ୍ମଚରିତ। ଏହା ମାଧ୍ୟମରେ ସେ ଧ୍ୟାନ ଓ କ୍ରିୟାଯୋଗକୁ ଲୋକପ୍ରିୟ କରାଇଥିଲେ। ୧୯୪୬ ମସିହାରେ ଏହି ପୁସ୍ତକ ପ୍ରକାଶିତ ହେବା ପରଠାରୁ ଅଦ୍ୟାବଧି ଚଉତିରିଶଟି ଭାଷାକୁ ଅନୁଦିତ ହୋଇସାରିଲାଣି। ଏହା ବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ଶହେ ଧର୍ମ ସମ୍ବନ୍ଧୀୟ ପୁସ୍ତକ ତାଲିକା ଅନ୍ତର୍ଭୁକ୍ତ। ଏହା ବିଶ୍ୱର ନିୟୁତାଧିକ ମଣିଷଙ୍କ ଜୀବନକୁ ପରିବର୍ତ୍ତିତ କରିଥିବା ବିଶ୍ୱାସ କରାଯାଏ। ଆପଲ୍ ଇଙ୍କର ସହ ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷ ଷ୍ଟିଭ୍ ଜବ୍‌ସ ଏହା ଦ୍ୱାରା ପ୍ରଭାବିତ ହୋଇଥିବା ଏକଦା କହିଥିଲେ। ଅଦ୍ୟାବଧି ଏହାର ଚାଳିଶ ଲକ୍ଷ ଖଣ୍ଡ ବିକ୍ରି ସରିଛି। ମାର୍କିନ୍ ସନ୍ଥ ଓ ଉଦ୍ଭିଦ ବିଜ୍ଞାନୀ ଲୁଥର୍ ବରବ୍ୟାଙ୍କଙ୍କୁ ବହିଟି ଉତ୍ସର୍ଜିତ।



ଯୋଗାନନ୍ଦ ଶୈଶବରୁ ଆଧ୍ୟାତ୍ମିକ ଥିଲେ। ସେ ଖେଳିବା ବୟସରେ ମନକୁ ଉଠୁଥିବା ବିଭିନ୍ନ ଧାର୍ମିକ ଆଧ୍ୟାତ୍ମିକ ପ୍ରଶ୍ନର ଉତ୍ତର ଖୋଜି ବୁଲୁଥିଲେ। ସ୍ୱାମୀ ଯୁକ୍ତେଶ୍ୱର ଗିରିଙ୍କୁ ଭେଟିବା ପରେ ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରିବା ନିମନ୍ତେ ପଥ ପ୍ରଦର୍ଶକ ଅନ୍ୱେଷଣର ଅନ୍ତ ଘଟିଥିଲା। ସେତେବେଳେ ତାଙ୍କୁ ମାତ୍ର ସତର ବର୍ଷ ବୟସ। ସ୍ୱାମୀ ଯୁକ୍ତେଶ୍ୱରଙ୍କ ହୁଗଲୀସ୍ଥିତ ଶ୍ରୀରାମପୁର ଆଶ୍ରମରେ ତାଙ୍କର ସମୟ କଟୁଥିଲା। ସେହି ସମୟରେ ଯୋଗାନନ୍ଦ ଶ୍ରୀରାମପୁର କଲେଜରେ ସ୍ନାତକ ପଢୁଥିଲେ। ସ୍ୱାମୀ ଯୁକ୍ତେଶ୍ୱରଙ୍କ ଦ୍ୱାରା ସନ୍ନ୍ୟାସୀ ଭାବେ ଦୀକ୍ଷିତ ହେବା ପରେ ସେ ବାଳକଙ୍କ ଆଧ୍ୟାତ୍ମିକ ଶିକ୍ଷା ନିମନ୍ତେ ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଦିହିକାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ବର୍ଷକ ପରେ ଉକ୍ତ ବିଦ୍ୟାଳୟ ରାଞ୍ଚିକୁ ଉଠିଯାଇଥିଲା। ଏକ ବିଶ୍ୱ ସ୍ତରୀୟ ଧର୍ମ ସମ୍ମିଳନୀରେ ଯୋଗଦେବା ନିମନ୍ତେ ୧୯୨୦ରେ ଯୋଗାନନ୍ଦ ପ୍ରଥମ ଥର ପାଇଁ ଆମେରିକା ଯାଇଥିଲେ ଏବଂ ୧୯୫୨ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିଥିଲେ। ଅବଶ୍ୟ ମଝିରେ ମଝିରେ ଭାରତ ଆସୁଥିଲେ ଏବଂ ଅନ୍ୟ ସ୍ଥାନକୁ ଯାତ୍ରା କରୁଥିଲେ। ଲସ୍ ଏଞ୍ଜେଲ୍‌ସର ବିଲ୍‌ଟମୋର୍ ହୋଟେଲ୍‌ରେ ଏହି ମହାନ ଯୋଗଗୁରୁ ମହାସମାଧି ଲାଭ କରିଥିଲେ। ଭେଷଜ ବିଜ୍ଞାନ ଭାଷାରେ ହୃଦ୍‌ଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଥିଲା। ୧୮୯୩ ଜାନୁଆରୀ ୫ ତାରିଖରେ ଉତ୍ତରପ୍ରଦେଶ ଅନ୍ତର୍ଗତ ଗୋରଖପୁରରେ ସେ ଜନ୍ମ ହୋଇଥିଲେ।

**-ଶରତ କୁମାର ସାହୁ**, 'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ: ୯୪୩୭୦୫୧୫୪୩

# ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମାବର୍ତ୍ତନ ଉତ୍ସବ ୧୧ରେ, ଯୋଗଦେବେ ମହାମହିମ ରାଜ୍ୟପାଳ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ଗୋକର୍ଣ୍ଣିକା ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୧ ତାରିଖରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ଅବସରରେ ୨୦୨୨ ବର୍ଷ ପାଇଁ କବି ଅମରେଶ ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ଗୋକର୍ଣ୍ଣିକା ପୁରସ୍କାର, ପ୍ରାବନ୍ଧିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର, ପ୍ରାବନ୍ଧିକ ଡ. ସୂର୍ଯ୍ୟମଣି ଖୁଂଟିଆଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ବଂଶୀଧର ଶତପଥୀ ସ୍ମୃତି ନାଟକ ସମ୍ମାନ ପ୍ରଦାନ କରାଯିବ। ୨୦୨୨ ବର୍ଷର ଗୋକର୍ଣ୍ଣିକା ସମ୍ମାନ ଓ ସଂବର୍ଦ୍ଧନା ପ୍ରାବନ୍ଧିକା ଡକ୍ଟର ଚିନ୍ମୟୀ ମହାପାତ୍ର, କବୟିତ୍ରୀ ଡକ୍ଟର ଇନ୍ଦିରା ଦାଶ, ସୁବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, କଥାକାର କାର୍ତ୍ତିକ ଚନ୍ଦ୍ର ବାରିକ, ଗାଳ୍ପିକ ସରୋଜକାନ୍ତ ଚୌଧୁରୀ, ଗୀତିକବି ଡ. ଅଲେଖଚନ୍ଦ୍ର ପଢ଼ିହାରୀ, ସେବା ସମ୍ମାନ ଡାକ୍ତର ବିଜୟ କୁମାର ଶତପଥୀ, ସାମ୍ବାଦିକ ଓ କବୟିତ୍ରୀ ଡଲିରାଣୀ ବ୍ରହ୍ମା, ଶିଶୁ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀ, ଲେଖିକା ଓ ଗୀତିକବି ଲୋପାମୁଦ୍ରା ଜେନା, ଶିକ୍ଷାବିତ୍ ସଂଗ୍ରାମ କେଶରୀ ପୃଷ୍ଟି, ପରିବେଶପ୍ରେମୀ ଶ୍ରୀନିବାସ ଜେନା, ସଂସଦ ସଂବର୍ଦ୍ଧନା ଚିନ୍ମୟ ନାୟକଙ୍କୁ ପ୍ରଦାନ କରାଯିବ । ଏତଦ୍ ବ୍ୟତୀତ ଗୋକର୍ଣ୍ଣିକା କୁନି ପ୍ରତିଭା ପୁରସ୍କାର କ୍ରିଷ୍ଟାଙ୍ଗୀ ନାୟକ, ଶୁଚିସ୍ମିତା ତରାଇ, ଦିୟା ଦେବଶ୍ରିତା ବିଶ୍ୱାଳ, ଶ୍ରୀୟା ଶତାବ୍ଦୀ ଓ ଜ୍ୟୋତିରଂଜନ ବିଶ୍ୱାଳଙ୍କୁ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଓ ସଂପାଦକ ହୃଷିକେଶ ସାମଲ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଆସନ୍ତା ୧୧ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ପରିସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରି ପୁସ୍ତକ ଲୋକାର୍ପଣ କରିବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ଯୋଗଦେବେ । ଅପରାହ୍ଣ ୩ଟାଠାରୁ ୫ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବ।

# ଶ୍ରୀଚୈତନ୍ୟା ବିଦ୍ୟାଳୟ ଏକ ଅଭିନବ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ଯାଉଛି



ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ପ୍ରଥମଥର ୪ଟି ଜିଲ୍ଲାରେ ନିଜର ଶାଖା ଖୋଲିବାକୁ ଯାଉଛି ଯଥା- ବ୍ରହ୍ମପୁର, ଅନୁଗୋଳ, ବାଲେଶ୍ୱର ଓ ରାୟଗଡ଼ା। ଶ୍ରୀଚୈତନ୍ୟା ବିଦ୍ୟାଳୟ ଯାହା ପୂର୍ବରୁ ଦୁଇଟି ରେକର୍ଡ ସୃଷ୍ଟି କରିସାରିଛି ଏବଂ ଆହୁରି ଅନେକ କିଛି କରିପାରିବ ବୋଲି ପ୍ରମାଣ କରିଛି। ତା୦୫.୦୧.୨୦୨୩ରେ ସେଟ୍‌ଅପ୍ ଆରମ୍ଭ କରିବ ଅନ୍ୟ ଏକ ବିଶ୍ୱ ରେକର୍ଡ। ଏହି ରେକର୍ଡ ଶ୍ରୀଚୈତନ୍ୟା ବିଦ୍ୟାଳୟର ପ୍ରି-ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟର ୧୦୦୦ ପିଲାଙ୍କୁ ସାକ୍ଷୀ ଦେବ। ୧୦ଟି ରାଜ୍ୟରୁ ୧୦୦ ଦିନର ତାଲିମ୍ ସହିତ ୧୦୦ ମିନିଟ୍‌ରେ ୧୦୦ ଗଣିତ ସାରଣୀ ପାଠ କରିବେ। ଲଣ୍ଡନର ୱାଲର୍ଡ ବୁକ୍ ଅଫ୍ ରେକର୍ଡ ଦ୍ୱାରା ଏହାର ତଦାରଖ, ପରୀକ୍ଷଣ ଏବଂ ରେକର୍ଡ କରାଯିବ। ଇଭେଣ୍ଟ ସମାପ୍ତ ହେବାପରେ ୱାର୍ଲଡ୍ ବୁକ୍ ଅଫ୍ ରେକର୍ଡସ୍ ଲଣ୍ଡନ ଏକ ସାର୍ଟିଫିକେଟ୍ ପ୍ରଦାନ କରିବ। ରେକର୍ଡ ସୃଷ୍ଟି କରିବାକୁ ସେଟ୍ ହୋଇଥିବା ପ୍ରି ଇଭେଣ୍ଟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା ଏବଂ ଟେବୁଲ୍‌ଗୁଡ଼ିକୁ ରିଲ୍ କରି ଦର୍ଶକଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଶ୍ରୀଚୈତନ୍ୟା ବିଦ୍ୟାଳୟର ଏକାଡେମିକ୍ ନିର୍ଦ୍ଦେଶକ 'ସୀମା' କହିଛନ୍ତି ଯେ, ଶ୍ରୀଚୈତନ୍ୟା ବିଦ୍ୟାଳୟ ସବୁବେଳେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଦୃଢ ମୂଳଦୁଆ ପକାଉଛନ୍ତି। ପ୍ରି ପ୍ରାଥମିକ ଏବଂ ପ୍ରାଥମିକ ସ୍ତରରେ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭା ଓ ଦକ୍ଷତା ସର୍ବାଧିକ ପର୍ଯ୍ୟନ୍ତ ଆଣିବା ସହ ମସ୍ତିଷ୍କକୁ ଏକ ପ୍ରଭାବଶାଳୀ ତାଲିମ ଦେବ ଓ ଆତ୍ମବିଶ୍ୱାସ ବଢାଇବ। ପିଲାଦିନରୁ ସେମାନଙ୍କ ମଧ୍ୟରେ ଚାପ ଥାଏ। ଏହି ଅବସରରେ ଡକ୍ଟର ବି.ଏସ୍. ରାଓ ଶ୍ରୀଚୈତନ୍ୟା ଶିକ୍ଷା ପ୍ରତିଷ୍ଠାନର ମୁଖ୍ୟ ରାଓ ଯାଉଥିବା ପିଲାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରନ୍ତୁ ବୋଲି ସେମାନଙ୍କର ମାତାପିତା ଏବଂ ଶିକ୍ଷକ ଓ କର୍ମକର୍ତ୍ତାଗଣଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଓଡ଼ିଶା ଶାଖାଗୁଡ଼ିକରେ ନାମଲେଖା ଚାଲୁଅଛି। ଯୋଗାଯୋଗ ପାଇଁ ୱେବ୍‌ସାଇଟ୍ www.srichaitanyaschool.net & Contact No.- 7207914401 (ମ୍ୟାନେଜର)

## ଜ୍ଞାନରଂଜନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ, ସିନ୍ଦୁରିଆ ଚମ୍ପିୟାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ କୁମାରୀ ପଂଚାୟତ ଦେଉଳିପାଳ ଠାରେ ୪ଦିନ ଧରି ଚାଲିଥିବା ଜ୍ଞାନ ରନ ମେମୋରିଆଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ସିନ୍ଦୁରିଆ ଦଳ କ୍ଷେତ୍ରପାଳ ଦଳକୁ ହରାଇ ଚମ୍ପିୟାନ ହୋଇଛି। ୩୧ତାରିଖରୁ ଚାଲିଥିବା ଏହି ପ୍ରତିଯୋଗିତାରେ ୮ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କ୍ଷେତ୍ରପାଳ ଓ ସିନ୍ଦୁରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରପାଳ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୭ରନ କରିଥିଲା ବେଳେ ବିପକ୍ଷ ଦଳ ସିନ୍ଦୁରିଆ ୧୭ଓଭର ୪ବଲରେ ୯ ଉଇକେଟ ହରାଇ ୧୮୮ରନ ସଂଗ୍ରହ କରି ଚଳିତ ବର୍ଷ ପାଇଁ ଚମ୍ପିୟାନ ହୋଇଛି । ଉଦ୍‌ଯାପନୀ ସଭାରେ ଜାରକା ପଂଚାୟତର ପୂର୍ବତନ ସରପଂଚ ପ୍ରଭୁ ରଂଜନ ସାମଲ ଅତିଥି ଭାବେ ଯୋଗ ଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସ୍ଥାନୀୟ ଜ୍ଞାନରଂଜନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ଏହି ଟୁର୍ଣ୍ଣାମେଂଟକୁ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତରପ୍ରତାପ ପଂଚାୟତ ନୀଳକଂଠପୁର ଗ୍ରାମରେ ଶ୍ରୀ ସତ୍ୟସାଇ ସେବା ସମିତିର ବାର୍ଷିକ ଉତ୍ସବ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡକ୍ରସ ଟିମ ପକ୍ଷରୁ ଏହି ରକ୍ତ ସଂଗ୍ରହ କରାଯାଇଥିଲା। ପୂର୍ବାହ୍ନରେ ନଗର ସଂକୀର୍ତନ, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ଧ୍ୱଜା ଉତୋଳନ, ସାଇ ପ୍ରେମଯାତ୍ରା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ଆବାହକ ଆତ୍ମାରାମ ସୁତାର, ପୂର୍ଣ୍ଣଚନ୍ଦ୍ର ପାଣି, ଡାକ୍ତର ନିଶିକାନ୍ତ, ପ୍ରଣବ କୁମାର ଶରଣ ପ୍ରମୁଖ ଭାଇଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ

# -କୋଲ୍ଡ ପ୍ଲଂଜ-





ଧାଁ ଧଉଡ଼ ଓ କର୍ମବ୍ୟସ୍ତ ଜୀବନ ଭିତରେ ସମସ୍ତଙ୍କୁ ଅନେକ ସମୟରେ ଅବସନ୍ନ ଓ ଥକ୍କା ଅନୁଭବ ହୋଇଥାଏ। ଆମେ ଅନେକ ସମୟରେ ଶରୀର ପାଇଁ କିଛି ସମୟ ବିଶ୍ରାମ ଖୋଜିବା ସହ ଚାପଠାରୁ ଦୂରେଇବା ପାଇଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ରଖିଥାଉ। ଶରୀରକୁ ଅଧିକ କର୍ମତତ୍ପର, କ୍ରିୟାଶୀଳ ଓ ସତେଜ ରଖିବା ପାଇଁ ଯେଉଁ କିଛି ସ୍ୱାସ୍ଥ୍ୟପ୍ରଦ ବ୍ୟବସ୍ଥା ଅଛି ତାହା ଭିତରୁ କୋଲ୍ଡ ପ୍ଲଂଜ ଅନ୍ୟତମ। ଅନେକ ଏହା ବିଷୟରେ ଜାଣିନଥାନ୍ତି। ଏହାରି ସମ୍ପର୍କରେ ଏକ ଛୋଟିଆ ଆଲୋଚନାରେ ଏଠାରେ ରଖୁଛୁ। ଶରୀର ଏବଂ ମନକୁ ଚାପମୁକ୍ତ ରଖିବା ପାଇଁ ଯୋଗ, ବ୍ୟାୟାମ ଠାରୁ ଆରମ୍ଭ କରି ଆମେ କେତେ କ'ଣ କରିଥାଉ। କିଛି ଲୋକ ଶରୀରକୁ ଚାପମୁକ୍ତ କରିବା ପାଇଁ ବିଭିନ୍ନ ଥେରାପିର ମଧ୍ୟ ସାହାଯ୍ୟ ନେଇଥାନ୍ତି। କୋଲ୍ଡ ପ୍ଲଂଜ ମଧ୍ୟ ଏମିତି ଏକ ଥେରାପି। ଏହାକୁ ଆଇସ ବାଥ ମଧ୍ୟ କହିପାରିବା। ଏବେ ଏହି ଥେରାପି ମାଧ୍ୟମରେ ଲୋକମାନେ ଶରୀରକୁ ଚାପମୁକ୍ତ ରଖିପାରୁଛନ୍ତି। ଅଧିକାଂଶ ଲୋକଙ୍କ ଦିନ ଆରମ୍ଭ ହୋଇଥାଏ ଚା କିମ୍ବା କଫିରୁ। କାରଣ ଚା' ଓ କଫି ତୁରନ୍ତ ନିଦ ଭାଙ୍ଗିବା ସହିତ ସତେଜ ରଖିଥାଏ। କିନ୍ତୁ ସବୁଦିନ ଖାଲିପେଟରେ ଚା' ଓ କଫି ପିଇବା ଦ୍ୱାରା ଏହା ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ। କିଛି ଲୋକ ନିଦ ଭାଙ୍ଗିବା ପାଇଁ ପୁରା ଦିନରେ ୮-୯କପ ଚା' ପିଇଥାନ୍ତି। କିନ୍ତୁ ସପ୍ତାହକୁ ଦୁଇଥର କୋଲ୍ଡ ପ୍ଲଂଜ ନେବା ଦ୍ୱାରା ଦିନ ସାରା ସତେଜ ରହିବା ପାଇଁ ଚା' ଓ କଫିର ଆବଶ୍ୟକତା ନଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଥଣ୍ଡା ପାଣିରେ ଶରୀରକୁ ବୁଡ଼ାଇବା ଦ୍ୱାରା ମସ୍ତିଷ୍କରେ ନରପେନେଫ୍ରିନ ସୃଷ୍ଟି ହୋଇଥାଏ। ଏହା ଆମର କାମ କରିବା ପ୍ରତି ଧ୍ୟାନ ଏବଂ ଶରୀରକୁ ସତେଜ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ ଯେଉଁମାନେ ଆଥଲେଟ ସେମାନେ ମଧ୍ୟ କୋଲ୍ଡ ପ୍ଲଂଜ ଥେରାପି ମାଧ୍ୟମରେ ମାଂସପେଶୀ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିପାରିଥାନ୍ତି। ଶରୀରରେ ହରମୋନ ଅଭାବ କାରଣରୁ ଏହା ଅବସାଦର ରୂପ ନେଇଥାଏ। କିନ୍ତୁ ଯେତେବେଳେ କୋଲ୍ଡ ପ୍ଲଂଜ କରାଯାଏ ମସ୍ତିଷ୍କରେ ନରପେନେଫ୍ରିନ କ୍ଷରଣ ହେବା କାରଣରୁ ଏହା ଅବସାଦର ଲକ୍ଷଣକୁ କମ କରିଥାଏ। ମସ୍ତିଷ୍କ ପୁଣିଥରେ ସାମାନ୍ୟ ରୂପରେ କାମ କରେ। କୋଲ୍ଡ ପ୍ଲଂଜ ନେଉଥିବା ବ୍ୟକ୍ତି ଶରୀରକୁ ୨ ମିନିଟ ପର୍ଯ୍ୟନ୍ତ ଥଣ୍ଡା ପାଣିରେ ବୁଡ଼ାଇ ରଖିଥାନ୍ତି। ୨ମିନିଟ ପର୍ଯ୍ୟନ୍ତ ଶରୀରକୁ ତିନିଥର ବୁଡ଼ାଇବାକୁ ହୋଇଥାଏ। କେହି କେହି ଛାତି ପର୍ଯ୍ୟନ୍ତ ବୁଡ଼ାଇଥାନ୍ତି ଆଉ କେହି ପୁରା ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇଥାନ୍ତି। ଏହାଦ୍ୱାରା ଶରୀରରେ ଏହି ସମୟରେ ବିଭିନ୍ନ ପ୍ରତିକ୍ରିୟା ଘଟିଥାଏ। ଥଣ୍ଡା ପାଣି କାରଣରୁ ରକ୍ତ ଧମନୀ ଗୁଡ଼ିକ ଶିଥିଳ ପଡ଼ିଯାଏ। ହେଲେ ପୁଣିଥରେ ପାଣିରୁ ବାହାରକୁ ଆସିବା ପରେ ଏହା କ୍ରିୟାଶୀଳ ହୋଇଥାଏ ଏବଂ ଶରୀରକୁ ସତେଜ ଅନୁଭବ କରାଇଥାଏ।

**——ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର**
ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ: ୮୨୮୦୧୨୭୯୧୦, E-mail : drbishnuprasad1234@gmail.com

## ଅଲ୍ ଓଡ଼ିଶା ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ସାଙ୍ଗଠନିକ ବୈଠକ



ଭୁବନେଶ୍ୱର (ପିଏନ୍): ରାଜ୍ୟର ୩୦ରୁ ଉର୍ଦ୍ଧ୍ୱ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ଆଞ୍ଚଳିକ ସଂଗଠନର ମିଶ୍ରଣରେ ଗଠିତ ଅଲ୍ ଓଡ଼ିଶା ମୂଳନିବାସୀ ୟୁନାଇଟେଡ୍ ଫୋରମ୍‌ର ସାଙ୍ଗଠନିକ ବୈଠକ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଫୋରମ୍‌ର ରାଜ୍ୟ ସଂଯୋଜକ ଶ୍ରୀ ବିଦ୍ୟାଧର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଭଜମନ ବେହେରା, ପୂର୍ବତନ ପ୍ରଶାସନିକ ଅଧିକାରୀ ହରିଶ ବେହେରା, ଉଷା ସେଠୀ, ଲକ୍ଷ୍ମଣ ମଲ୍ଲିକ, ଗୌତମ ଗୋପାଳ, ନିହାର ରଞ୍ଜନ ସାମଲ, ଅଶୋକ କୁମାର ନାୟକ, ଲିଟୁ ଦାସ, ମନୋରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଅଧିକାର ପାଇଁ ଲଢ଼େଇରେ ୩୦ଟି ଜିଲ୍ଲାକୁ ସାମିଲ କରିବାକୁ ପ୍ରସ୍ତାବ ରଖିଥିଲେ। ମୂଳନିବାସୀମାନଙ୍କର ପ୍ରମୁଖ ସମସ୍ୟାଗୁଡ଼ିକ ପ୍ରତି ସରକାରଙ୍କର ଉଦାସୀନତା, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପାତରଅନ୍ତର ନୀତି ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ପାଇଁ ବକ୍ତାମାନେ ପ୍ରସ୍ତାବ ରଖିଥିଲେ। ଏହି ବୈଠକରେ ରାଜ୍ୟର ୩୦ଟି ଜିଲ୍ଲାରୁ ୨୦୦ରୁ ଅଧିକ କର୍ମକର୍ତ୍ତା ଯୋଗଦେଇ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମାଜ ଲଢ଼େଇ ପାଇଁ ପ୍ରସ୍ତୁତ ରହିବାକୁ ପ୍ରସ୍ତାବ ଦେଇଥିଲେ।

# ଡକାୟତ ଦଳର ୬ଜଣ ଗିରଫ; ବିପୁଳ ଚୋରା ସାମଗ୍ରୀ, ସୁନା ଓ ଗାଡ଼ି ଜବତ



ଫୁଲନଖରା (ପିଏନ୍)- ଜାତୀୟ ରାଜପଥରେ ଲୁଟପାଟ ଏବଂ ଘରେ ପଶି ଚୋରି କରୁଥିବା ଏକ ବଡ଼ ଡକାୟତ ଦଳର ୬ସଦସ୍ୟଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ବିପୁଳ ପରିମାଣର ଚୋରା ସାମଗ୍ରୀ ଓ ସୁନା ଅଳଙ୍କାର ଆଦି ଜବତ ହୋଇଛି। ଏ ନେଇ ଥାନା ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଉରାଳି ବଡ଼ବାଲିସାହି ଗ୍ରାମର ଗଣେଶ୍ୱର ସାହୁଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଓ ମୂଲ୍ୟବାନ ଜିନିଷ ସମେତ ନଗଦ ଅର୍ଥ ଲୁଟି ନେଇଥିଲେ। ଏ ନେଇ ଗଣେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଚୋରି ଘଟଣାର ତଦନ୍ତ ଚଳାଇଥିଲା। ଏହି ସମୟ ମଧ୍ୟରେ ଅଭିଯୁକ୍ତମାନେ ଚଞ୍ଚଳ ଉଥାନଙ୍କ ଘରୁ ସୁନା ଅଳଙ୍କାର ଓ ନଗଦ ଅର୍ଥ ଲୁଟି ନେଇଥିଲେ। ସୁଭଦ୍ରାପୁର ରେଲୱେ ବ୍ରିଜ ନିକଟରେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ, ସୁନାଚେନ ଓ ଟଙ୍କା ଲୁଟପାଟ କରିବା ସହିତ ଗୋପାଳପୁରଠାରେ ଏକ ଟ୍ରକରୁ ୨୦ଟି ୱିକି ଟକି ଲୁଟି ନେଇଥିଲେ। ଏ ନେଇ ଥାନାରେ ଏକାଧିକ ଅଭିଯୋଗ ହେବାରୁ ପୁଲିସର ନିଦ ହଜିଯାଇଥିଲା। ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ ଏବଂ ତଦନ୍ତ କରି ପୁଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ଏହି ସମସ୍ତ ଘଟଣାରେ ସମ୍ପୃକ୍ତ ବୋଲି ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ହେଲେ ବୟାଳିଶମୌଜା ଦିବାଟି ଅଞ୍ଚଳର ସିଦ୍ଧାର୍ଥ ଚୌଧୁରୀ (୧୯), ଶ୍ରୀକୋରୁଆଁ ଅଞ୍ଚଳର ମଦନ ବେହେରା (୧୯), ଗୋପାଳପୁର ବଢ଼େଇସାହିର ଲକ୍ଷ୍ୟରଂଜନ ମହାରଣା (୧୮), ଉରାଳି ଅଞ୍ଚଳର ଜଗନ ପାତ୍ର (୩୦) ଓ ସିପୁନ ନାୟକ (୨୦), କଟକ କଲ୍ୟାଣୀନଗର ଅଞ୍ଚଳର ଭୋଳାନାଥ ନାୟକ (୧୯) ଏବଂ ଜଣେ ନାବାଳକ। ସେମାନଙ୍କଠାରୁ ଗୋଟିଏ କାର, ୩ଟି ବାଇକ, ଖେଳଣା ବନ୍ଧୁକ, ୧୩ଟି ଫୋନ, ସୁନା ଅଳଙ୍କାର ଓ ନଗଦ ୩୭ହଜାର ଟଙ୍କା ଉଦ୍ଧାର ହୋଇଛି। ମଦନ ବେହେରା, ଲକ୍ଷ୍ୟରଂଜନ ମହାରଣା ଓ ସିଦ୍ଧାର୍ଥ ଚୌଧୁରୀ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡ଼ିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର ସୂଚନା ଦେଇଛନ୍ତି।

## ନାବାଳିକାକୁ କମେଂଟ ମାରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କୁ କମେଂଟ ମାରିବା ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରିଛି । ସୂଚନା ମୁତାବକ ଶ୍ୟାମସୁନ୍ଦରପୁର ଗ୍ରାମର ପୂଜା ବାରିକ ଗତ ୩୧ ତାରିଖ ଦିନ ରାସ୍ତାରେ ଘରକୁ ଯାଉଥିବା ବେଳେ ଜେନାପୁର ଗ୍ରାମର କୁଳମଣି ଜେନା ନାମକ ଜଣେ ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ତାଙ୍କ ପିଛା କରିଥିଲା । ଏନେଇ ନାବାଳିକା ଜଣକ ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୦୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଯୁବକ କୁଳମଣିକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ସରପଂଚଙ୍କୁ ଗାଳି ଗୁଲଜ ଓ ବ୍ୟାନର ଚିରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଗଡମଧୁପୁର ପଂଚାୟତ ସରପଂଚ ଲଗାଇଥିବା ନବବର୍ଷ ଅଭିନନ୍ଦନ ବ୍ୟାନର ଚିରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ସୂଚନା ମୁତାବକ ଏଥିନେଇ ଗଡମଧୁପୁର ସରପଂଚ ରବିନ୍ଦ୍ର ସେଠୀ ପଂଚାୟତର ବିଭିନ୍ନ ଛକମାନଙ୍କରେ ନବବର୍ଷର ଅଭିନନ୍ଦନ ବ୍ୟାନର ମାରିଥିଲେ । ତେବେ ଏହି ପଂଚାୟତ ଜାମୁଝରୀ ଗ୍ରାମର ଡାଙ୍ଗ ମଲିକ (୨୫) ହାତରେ ଏକ ଭୁଜାଲି ଧରି ସରପଂଚଙ୍କ ବିରୁଦ୍ଧରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବ୍ୟାନରଗୁଡିକୁ ଚିରି ଦେଇଥିଲେ ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏନେଇ ସରପଂଚ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡାଙ୍ଗଙ୍କୁ ଗତ ବୁଧବାର ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




## ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**କନ୍ଧମାଳ, (ପିଏନ)-** ଫୁଲବାଣୀ ଫାଷ୍ଟଟ୍ରାକ କୋର୍ଟ ର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ୧୫ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ ମାମଲାର ବିଚାର କରି ଦାରିଙ୍ଗବାଡି ପର୍ତମାହାର ଲିପୁନ୍ ନାୟକ (୨୪) କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅଧିକ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ର ସରକାରୀ ଓକିଲ ବନମାଳୀ ବେହେରା ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁସାରେ ପୀଡିତା, ବାପାଙ୍କ ସହ ତା ୨୮.୦୬.୨୦୧୮ରିଖ ସନ୍ଧ୍ୟା ୬ଟା ସମୟରେ ପର୍ତୁମାହା ଠାରୁ କେର୍କେବାଡିକୁ ଫେରୁଥିଲେ। ପିତା ଶାରୀରିକ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ପୀଡିତା ୩୦୦ ମିଟର ଆଗରେ ଯାଉଥିଲେ। ଅଭିଯୁକ୍ତ ମାନେ ଏହାର ସୁଯୋଗ ନେଇ ନାବାଳିକାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ବାପା ଶାରୀରିକ ଅକ୍ଷମ ଯୋଗୁଁ ଝିଅକୁ ଉଦ୍ଧାର କରି ନ ପାରି ଗାଆଁ ଲୋକ ମାନଙ୍କୁ ଖବର ଦେଇଥିଲେ ଏବଂ ଗାଆଁ ଲୋକ ଅଭିଯୁକ୍ତ ମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏ ସଙ୍କ୍ରାନ୍ତରେ ଦାରିଙ୍ଗବାଡି ଥାନାରେ ଲିଖିତ ରିପୋର୍ଟ ପୀଡିତାଙ୍କ ପିତା କରିଥିଲେ ଏବଂ ଥାନାଧିକାରୀ ୮୫/ ୩୦.୦୬.୨୦୧୮ ରେ କେଶ୍ ରେଜିଷ୍ଟ୍ରେସନ କରି, ତଦନ୍ତ ସାରି ଅଭିଯୁକ୍ତ ମାନଙ୍କୁ ଅଦାଲତରେ ହାଜର କରିଥିଲେ। ବିଚାରପତି ଆଜି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି ।

## ବଲାଙ୍ଗିର ବନ୍ଦକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରାଉ : ଥଇଥାନ ପରେ ଉଚ୍ଛେଦ ଦାବୀ

**ବଲାଙ୍ଗିର,(ପିଏନ)-** ବଲାଙ୍ଗିରରେ ମହାରାଣୀ ସାଗର ଓ ଲକ୍ଷ୍ମୀ ଜୋର ଉନ୍ନୟନ କାର୍ଯ୍ୟକୁ ତୁରନ୍ତ କରାଯିବାକୁ ବଲାଙ୍ଗିର ଏକ୍ସନ କମିଟିର ଚବିଶ ଘଣ୍ଟିଆ ବନ୍ଦ ଡାକରାକୁ ବିରୋଧ କରି ଆଜି ଜିଲ୍ଲାପାଳ ଅଫିସ ଆଗରେ ବିଭିନ୍ନ ୱାର୍ଡରେ ବିସ୍ତାରିତ ହେବାକୁ ଥିବା ନାଗରିକ ଓ ମହିଳାମାନେ ଘେରାଉ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।ବନ୍ଦ ଆହ୍ୱାନ ପରେ ଗତକାଲି ବସ୍ତି ବାସିନ୍ଦା ଓ ସଚେତନ ନାଗରିକ କମିଟି ସନ୍ଧ୍ୟାରେ ପ୍ରଚାର ଗାଡ଼ିରେ ସହରତମାମ ବନ୍ଦକୁ ପାଳନ ନକରିବାକୁ, ସ୍ୱାଭାବିକ ଦୋକାନ ବଜାର ଖୋଲା ରଖିବା, ଯାତାୟତ ଜାରି ରଖିବାକୁ ଅନୁରୋଧ କରାଯାଇଥିଲା। ଗତକାଲି ଇନ୍ଦିରା ନଗର ଇଚ୍ଛାପଡା ଓ ଇନ୍ଦିରା ନଗରରୁ ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ୪୮ ଘଂଟିଆ ନୋଟିସ ଜାରି କରିବା ପରେ ଗତକାଲି ବଲାଙ୍ଗିରର ସବୁ ୱାର୍ଡ ମାନଙ୍କରେ ପ୍ରତିବାଦର ସ୍ୱର ଉଠିଥିଲା। ଆଜି ପ୍ରାୟ ଦୁଇ ହଜାର ମହିଳା ପୁରୁଷ ଏକ ପ୍ରତିବାଦ ଶୋଭାଯାତ୍ରାରେ ସହରର ବିଭିନ୍ନ ରାସ୍ତାରେ ଆସିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଜାମ କରି ରଖିଥିଲେ ଓ ପ୍ରତିବାଦ କରିଥିଲେ। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଥଇଥାନ କରାଯାଇ ପରେ ଉଚ୍ଛେଦ କରାଯାଉ ବୋଲି ଅନୁରୋଧ କରାଯାଇଛି।

## ଆଇସିଏମଆର-ଆରଏମଆରସିର ଆନେକ୍ସ ବିଲଡିଂର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-**ଓଡ଼ିଶାର ଶିଶୁଙ୍କର ଥିବା କୁପୋଷଣ, ଗର୍ଭବତୀ ମହିଳାଙ୍କ ରକ୍ତହୀନତା ଓ ଅନ୍ୟାନ୍ୟ ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମଆର) ଓ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍ଆରସି), ଭୁବନେଶ୍ୱରକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ।



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ସହ ଶ୍ରୀ ପ୍ରଧାନ ଶନିବାର ଆଇସିଏମଆର-ଆରଏମଆରସିର ଆନେକ୍ସ ବିଲଡିଂର ଲୋକାର୍ପଣ ଓ ଆଇସିଏମଆର ସ୍କୁଲ ଅଫ୍ ପବ୍ଲିକ ହେଲଥ୍ ଓ ବିଏସଏଲ -୩ ଲ୍ୟାବର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶାରେ ଶିଶୁ ମୃତ୍ୟୁ, କୁପୋଷଣ, ଓଜନ ଅନୁସାରେ ଉଚ୍ଚତା କମ୍ ଏବଂ ଉଚ୍ଚତା ଅନୁସାରେ ଓଜନ କମ ଭଳି ଅନେକ ଗଭୀର ସମସ୍ୟା ରହିଛି । ମହିଳା ବିଶେଷଭାବେ ଗର୍ଭବତୀ ମହିଳାମାନେ ରକ୍ତହୀନତା କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି, ଯାହା ଚିନ୍ତା ଜନକ । ତେଣୁ ଏ ଦିଗରେ ରାସ୍ତା ବାହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ମେଡ଼ିକାଲ କଲେଜ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯାଉଛି। ମୋଦି ସରକାର ପୂର୍ବରୁ ଓଡ଼ିଶାରେ ୩ଟି ମେଡିକାଲ ଥିବା ବେଳେ ଏବେ ତାହା ବଢି ୧୦ରେ ପହଞ୍ଚିଛି । ମୋଦି ସରକାରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଢାଞ୍ଚାଗତ ପରିବର୍ତ୍ତନ ହୋଇଛି । ଲାଇଫଷ୍ଟାଇଲ ମ୍ୟାନେଜମେଣ୍ଟ, ଫିଟନେସ ୱେଲ ସେଣ୍ଟରକୁ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଲୋକମାନେ କୌଣସି ରୋଗରେ ପଡିବା ପରେ ଡାକ୍ତରଙ୍କ ପରାମର୍ଶ ନେଉଥିଲେ ମାତ୍ର ଏବେ ରୋଗରୁ ମୁକ୍ତ ହେବା ପାଇଁ ଶରୀର ପ୍ରତି ଧ୍ୟାନ ରଖାଯାଉଛି । ସମଗ୍ର ଭାରତବର୍ଷର ନାଗରିକ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁସ୍ଥ ଭାରତର କଳ୍ପନାକୁ ସାକାର କରିବାରେ ଆଇସିଏମଆର-ଆରଏମଆରସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷ ଭାବରେ କୋଭିଡ୍ ସମୟରେ ପୂର୍ବ ଭାରତର ଲୋକଙ୍କ ଜୀବନକୁ ସୁରକ୍ଷିତ ଓ ସଚେତନ କରିବାରେ ଏହି ଅନୁଷ୍ଠାନର ଅବଦାନ ଅତୁଳନୀୟ ।

ଏହାବ୍ୟତିତ ଆଇସିଏମଆର-ଆରଏମ୍ଆରସି ଦ୍ୱାରା ପ୍ରକାଶିତ ଓଡ଼ିଶାର ମହିଳା ବୈଜ୍ଞାନିକଙ୍କ ସମ୍ପର୍କୀତ ଇଂରାଜୀରେ ଲିଖିତ ସ୍ମରଣିକାକୁ ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହାସହ ସେହି ସ୍ମରଣିକାକୁ ଓଡ଼ିଆ ଓ ହିନ୍ଦି ଭାଷାରେ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଯେଉଁ ମାଆ ପିଠା ତିଆରି କରେ, ସେହି ମାଆ ବିଶ୍ୱ ସମସ୍ୟାର ସମାଧାନ ବି ବାହାର କରିପାରେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୬୪- ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସଂକ୍ଷିପ୍ତ ଭୋଟର ତାଲିକା ପ୍ରକାଶିତ

**ସୁବର୍ଣ୍ଣପୁର, (ପିଏନ)-**ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ, ୬୫-ସୋନପୁର ଓ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଚଳିତ ବର୍ଷର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନର ୦୧/୦୧/୨୩ ସୁଦ୍ଧା ପ୍ରକାଶିତ ସବିଶେଷ ଚୂଡାନ୍ତ ଯୋଗ୍ୟ ଭୋଟର ତାଲିକାକୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ହସ୍ତାନ୍ତର କରିଛନ୍ତି। ଜିଲ୍ଲା ନିର୍ବାଚନ ବିଭାଗ ତରଫରୁ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଉଭୟ ନିର୍ବାଚନ ମଣ୍ଡଳୀର ତାଲିକା ହାର୍ଡ କପି ଓ ସଫ୍ଟ କପି ଜରିଆରେ ହସ୍ତାନ୍ତର କରାଯାଇଛି। ଚଳିତ ବର୍ଷ ୦୧/୦୧/୨୩ ସୁଦ୍ଧା ଜିଲ୍ଲାର ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୪୯୪୯ ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୮୬୮ ନୂତନ ଯୋଗ୍ୟ ଭୋଟର ତାଲିକା ଭୁକ୍ତ ହୋଇଥିବା ବେଳେ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩୩୪୬ ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୨୯୧ ଜଣ ଭୋଟର ପ୍ରକାଶିତ ତାଲିକାରୁ ବାଦ ପଡିଛନ୍ତି। ସଦ୍ୟ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ତା ୦୧/୦୧/୨୩ ସୁଦ୍ଧା ଜିଲ୍ଲାରେ ସର୍ବମୋଟ ୪,୫୭,୫୧୮ ଜଣ ଯୋଗ୍ୟ ଭୋଟର ରହିଥିବାବେଳେ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ୨,୧୨,୩୩୦ ଜଣ ଓ ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨,୪୫,୧୮୮ ଜଣ ଭୋଟର ରହିଛନ୍ତି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ, ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୁଥାଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଉପସ୍ଥିତ ରହିଥିବା ବେଳେ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ପ୍ରତିନିଧି ଜନ୍ମେଜୟ ପାତ୍ର, ଭାରତୀୟ ଜନତା ପାର୍ଟି ଜିଲ୍ଲା ପ୍ରତିନିଧି ସୁଶାନ୍ତ କୁମାର ସାହୁ, ଭାରତୀୟ ଜାତୀୟ କଂଗ୍ରେସ, ଜିଲ୍ଲା ପ୍ରତିନିଧି ସୁଧୀର ପଣ୍ଡା, ଏସୟୁସିଆଇ ଜିଲ୍ଲା ପ୍ରତିନିଧି ଗୋବିନ୍ଦ ମହାରଣା ଯୋଗଦାନ କରି ସଦ୍ୟ ପ୍ରକାଶିତ ଚୂଡାନ୍ତ ଯୋଗ୍ୟ ଭୋଟର ତାଲିକା ଗୁଡିକୁ ଗ୍ରହଣ କରିଥିଲେ।

### ପ୍ରକାଶ ପାଇଲା ଇଲେକ୍ଟୋରାଲ ରୋଲ-୨୦୨୩

## ମାଲକାନଗିରି ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

**ମାଲକାନଗିରି, (ପିଏନ)-**ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଇଲେକ୍ଟରାଲ ରୋଲ (ଭୋଟର ତାଲିକା) -୨୦୨୩କୁ ପ୍ରକାଶନ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂଙ୍କ ଉପସ୍ଥିତିରେ ସମସ୍ତ ରାଜନୈତିକ ଦଳଙ୍କୁ ଏହି ତାଲିକା ପ୍ରଦାନ କରାଯାଇଛି। ଉତମ ଭାବରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲାରେ ଭୋଟରଙ୍କ ଅନୁପାତରେ ବୃଦ୍ଧି ଘଟିଛି। ଆଦିମ ଜନଜାତି ଭୋଟରଙ୍କ ଅନୁପାତ ମଧ୍ୟ ବୃଦ୍ଧି ଘଟିଛି ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୩ ସମୟରେ ରାଜନୈତିକ ଦଳ ମାନଙ୍କର ସହଯୋଗ ଏବଂ ସମନ୍ୱୟ ଯୋଗୁଁ ଏହି ତାଲିକା ପ୍ରକାଶ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଆମ ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳା ମତଦାତାଙ୍କ ସଂଖ୍ୟା ଅଧିକ ରହିଛି । ପ୍ରତି ୧୦୦୦ ପୁରୁଷଙ୍କ ପିଛା ୧୦୫୫ ଜଣ ମହିଳା ଭୋଟର ରହିଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରକାଶ କରିଛନ୍ତି।

ସୂଚନା ଥାଉ କି, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଅଧିନରେ ଜିଲ୍ଲାରେ ଫର୍ମ-୬ ମାଧ୍ୟମରେ ୨୦ ହଜାର ୧୪୮ ଜଣ ଯୋଗ ନିମନ୍ତେ ଆବେଦନ କରିଥିଲେ। ୬,୭୧୧ ଜଣ ବ୍ୟକ୍ତି ଆବେଦନ ଓ ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ-୭ ମାଧ୍ୟମରେ ଦାଖଲ କରିଥିଲେ। ସେହିପରି ଫର୍ମ-୮ ମାଧ୍ୟମରେ ୩୨୬୨ ଜଣ ସ୍ଥାନାନ୍ତରଣ ଓ ଭୋଟର ପରିଚୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିଥିଲେ। ସର୍ବମୋଟ ଜିଲ୍ଲାରେ ୩୦ ହଜାର ୧୨୧ ଜଣ ଏହି କାର୍ଯ୍ୟକ୍ରମ ଅଧିନରେ ପଞ୍ଜିକରଣ ନିମନ୍ତେ ଆବେଦନ କରିଥିଲେ।

ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୫ ହଜାର ୧୫୫ ଜଣ ପୁରୁଷ, ୧ ଲକ୍ଷ ୧୮ ହଜାର ୮୩୬ ଜଣ ମହିଳା ଓ ୩୧ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି । ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୯୩ ହଜାର ୯୨୪ ଜଣ ପୁରୁଷ, ୧ ଲକ୍ଷ ୨ ହଜାର ୪ ଶହ ମହିଳା ଓ ୧୧ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସର୍ବମୋଟ ଜିଲ୍ଲାରେ ୪ ଲକ୍ଷ ୩୦ ହଜାର ୩୫୭ ଜଣ ଭୋଟର ରହିଛନ୍ତି ।

ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ପକ୍ଷରୁ ମାଣିକ ଚକ୍ରବର୍ତୀ, ବିଜେଡି ପକ୍ଷରୁ ଧନୁର୍ଜୟ ମାଡ଼କାମୀ, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସପି ପକ୍ଷରୁ ଜାରାଶବର ମାଡୀ ଏବଂ ଆପ୍ ପକ୍ଷରୁ କେ. ଦେଶୀ ରାଜୁ ଆଚାରୀ ଉପସ୍ଥିତ ଥିଲେ। ସହାୟକ ଜିଲ୍ଲାପାଳ ଅଶୋକ କୁମାର ଚକ୍ରବର୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ କନେଷ୍ଟବଳରୁ ସରକାରୀ କଲେଜରେ ଅଧାପକ ହେଲେ ଲମ୍ବୋଦର ପଧାନ

**ବଲାଙ୍ଗିର, (ପିଏନ)-** ୨୦୦୫ ରୁ ସ୍ନାତକ ହେବାପରେ ପୁଲିସ କନେଷ୍ଟବଳ ଚାକିରିରେ ୨୨ ଡିସେମ୍ବର ୨୦୦୬ ରେ ଯୋଗଦେଇ ନିଷ୍ଠାର ସହିତ କାର୍ଯ୍ୟ କରିବା ସହ ପାଠ ପଢି ଆଗକୁ ସ୍ୱପ୍ନ ଦେଖିବା ଛାଡି ନଥିଲେ ଲମ୍ବୋଦର ପଧାନ। ସେ ଏପର୍ଯ୍ୟନ୍ତ କଂଗ୍ରେସ ଦଳ ର ପୁରୁଖା ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ରୁପେ କାର୍ଯ୍ୟ କରି ଆସୁଛନ୍ତି। ୨୦୨୦ ରେ ମୁକ୍ତ ବିଶ୍ୱବିଦ୍ୟାଳୟ (ଏନଇଟି)ରୁ ସ୍ନାତକୋତର ଡିଗ୍ରୀ ହାସଲ କରିଥିଲେ। କାମ କରିବା ବାହାରେ ଟିକେ ସମୟ ପାଇଲେ ପାଠ ପଢିବା ନିଶା ଯୋଗୁଁ ୨୦୨୧ ରେ ଏନ୍ ଇ ଟି, ୨୦୨୨ ରେ ଜୁନିଅର ରିସର୍ଚ ଫିଲୋସିପ୍ ରେ ଉତୀର୍ଣ୍ଣ ହୋଇଥିବା ବେଳେ ଏବେ ୨୦୨୩ ରେ ସରକାରୀ ଅଧାପକ ଭାବରେ ଚୟନ ହୋଇ ସମଗ୍ର ଓଡ଼ିଶାରେ ୪୮ ନମ୍ବର ସ୍ଥାନ ରଖିଛନ୍ତି। ଏହି ଖବର ପାଇବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଓଡ଼ିଶାରେ ୫-ଜି ସେବା ପ୍ରଚାରସର୍ବସ୍ୱ ନ ହେଉ: ବିଜେଡ଼ି

**ଭୁବନେଶ୍ୱର, (ପିଏନ)-**କଟକ ଓ ଭୁବନେଶ୍ୱରରେ ଯେଉଁ ୫-ଜି ସେବାର ଶୁଭାରମ୍ଭ ହୋଇଛି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଓଡ଼ିଶାର ବହୁ ଗ୍ରାମାଂଚଳରେ ଏଯାଏଁ ୨-ଜି ଓ ୩-ଜି ସେବା ଉପଲବ୍ଧ ନାହିଁ। ଫଳରେ ଲୋକେ ମୋବାଇଲ ଓ ଇଂଟରନେଟ ସେବାରୁ ବଂଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏହି ୫-ଜି ସେବା କେବଳ ପ୍ରଚାରସର୍ବସ୍ୱ ନହେଉ। ଓଡ଼ିଶାର ସମସ୍ତ ଅଂଚଳକୁ ମୋବାଇଲ ଓ ଇଂଟରନେଟ୍ ସେବା ତୁରନ୍ତ ଯୋଗାଇ ଦେବାକୁ ବିଜୁ ଜନତା ଦଳ ଦାବି କରିଛି ।

ଗୁରୁବାର ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଟେଲି ଘନତ୍ୱ କ୍ଷେତ୍ରରେ ଦେଶର ସବୁଠାରୁ ୫ ପଛୁଆ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ । ଗତ ୨୦୨୨ ଜୁଲାଇ ମାସରେ 'ଟ୍ରାଇ' ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟର ତଥ୍ୟ ଅନୁଯାୟୀ ଦେଶର ହାରାହାରି ଟେଲି ଘନତ୍ୱ ୮୫% ରହିଥିବା ବେଳେ ଓଡ଼ିଶାରେ ଏହା ହାରାହାରି ୭୫% ଏବଂ ଓଡ଼ିଶାର ଗ୍ରାମାଂଚଳରେ ମାତ୍ର ୬୭% ରହିଛି । ଏପରିକି ଦେଶର ସର୍ବାଧିକ ପଛୁଆ ଅଂଚଳ ଭାବେ ବିବେଚିତ ଉତର-ପୂର୍ବ ରାଜ୍ୟଗୁଡ଼ିକରେ ଟେଲି ଘନତ୍ୱ ଓଡ଼ିଶା ଠାରୁ ଅଧିକ ୭୮% ଏବଂ ଜାମ୍ମୁ-କାଶ୍ମୀରରେ ୮୦% । ଓଡ଼ିଶାର ୬୨୭୮ ଗାଁରେ ମୋବାଇଲ ଓ ଇଂଟରନେଟ ସେବା ପହଂଚି ପାରୁନାହିଁ। ଏହି ସେବା ପହଂଚାଇବାକୁ ୨୫୦୦ ଟାୱାରର ଆବଶ୍ୟକତା ରହିଥିବା ବେଳେ ଏଯାଏଁ ମାତ୍ର ୪୮୮ଟି ଟାୱାର ମଞ୍ଜୁର ହୋଇଛି । ମୁଖ୍ୟତଃ ଆଦିବାସୀ ବର୍ଗର ଲୋକେ ରହୁଥିବା ନକ୍ସଲ ପ୍ରବଣ ଇଲାକାରେ ଟାୱାର ନଥିବାରୁ ଲୋକେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛନ୍ତି । ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ଅର୍ଥ ମଧ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଯାଇ ପାରୁନାହିଁ।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ ଏବେ ରାଜ୍ୟର ବିଭିନ୍ନ ଗ୍ରାମାଂଚଳରେ ମିଳୁଥିବା ଟେଲି ସେବା ମଧ୍ୟ ଅତ୍ୟନ୍ତ ଦୁର୍ବଳ। ନେଟୱାର୍କ ନଥିବାରୁ କୋଭିଡ୍ ସମୟରେ ପିଲାମାନେ ଅନଲାଇନ୍‌ରେ ପାଠପଢ଼ା ପାଇଁ କେମିତି ହଇରାଣ ହେଉଥିଲେ ଏବଂ ନେଟୱାର୍କ ପାଇବା ଲାଗି ପାହାଡ଼ ଓ ଗଛ ଉପରକୁ ଚଢୁଥିଲେ, ତାହା ସମସ୍ତେ ଜାଣିଛନ୍ତି । ଏହି ପରିପ୍ରେକ୍ଷୀରେ କେବଳ ଦୁଇଟି ସହରରେ ୫-ଜି ସେବା ଆରମ୍ଭ କରିଦେଲେ ଓଡ଼ିଶା ଏଥିରୁ ଲାଭବାନ ହୋଇପାରିବ ନାହିଁ । ଓଡ଼ିଶାର ଗ୍ରାମାଂଚଳରେ ରହୁଥିବା ଆଦିବାସୀ, ସାଧାରଣ ଜନତା ଏବଂ ସାମଗ୍ରୀକ ଭାବେ ରାଜ୍ୟବାସୀ ଟେଲିକମ୍ ଓ ଇଂଟରନେଟ୍ କ୍ଷେତ୍ରରେ ଏହାଠାରୁ ଅଧିକ ଉତମ ସେବା ପାଇବାକୁ ହକଦାର । ତେଣୁ କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କୁ ଏଭଳି ଦିନରେ ଲଣ୍ଠନ ନ ଦେଖାଇ ଲୋକଙ୍କ ହକ୍ ଏବଂ ସେବା ଯୋଗାଇ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2023)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday January 08, 2023 ଭୁବନେଶ୍ୱର, ରବିବାର, ଜାନୁଆରୀ ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# କିସ୍‌ର ୨୬ ଛାତ୍ରଛାତ୍ରୀ ଏସ୍‌ଏସ୍‌ବିରେ କୃତକାର୍ଯ୍ୟ

## ସ୍ୱୟଂଶାସିତ ମହାବିଦ୍ୟାଳୟରେ କରିବେ ଅଧ୍ୟାପନା



**ଭୁବନେଶ୍ୱର, ୭।୧(ପିଏନ):** ଚଳିତବର୍ଷ କିସ୍‌ର ୨୬ ଜଣ ଛାତ୍ରଛାତ୍ରୀ ଷ୍ଟେଟ୍ ସିଲେକ୍ସନ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଧ୍ୟାପନା ପାଇଁ ମନୋନୀତ ହୋଇଛନ୍ତି। ଶନିବାର କିସ୍ ପରିସରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରଛାତ୍ରୀମାନେ ରାଜ୍ୟର ବିଭିନ୍ନ ସ୍ୱୟଂ ଶାସିତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଇତିହାସ, ବାଣିଜ୍ୟ, ଶିକ୍ଷା, ଅର୍ଥନୀତି, ଦର୍ଶନ ଓ ଗଣିତ ଆଦି ବିଷୟରେ ଅଧ୍ୟାପନା କରିବେ। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ସଂପ୍ରଦାୟର ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଶୈକ୍ଷିକ ପରିବେଶ ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀମାନେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇ ପ୍ରତିଷ୍ଠିତ ହୋଇପାରୁଛନ୍ତି। ଚଳିତବର୍ଷ କିସ୍‌ର ଛାତ୍ରଛାତ୍ରୀମାନେ ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଡାକ୍ତର, ଇଂଜିନିୟର, ଫରେଷ୍ଟ ରେଞ୍ଜର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ସିଭିଲ ଜଜ୍, ବ୍ୟାଙ୍କ, ଓପିଟିସିଏଲ୍, ପୋଲିସ୍ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସଫଳତାର ସହ ଅବସ୍ଥାପିତ ହୋଇପାରିଛନ୍ତି। କିସ୍ ପିଲାଙ୍କ ସଫଳତାରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିସ୍‌ରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଯତ୍ନ ଯୋଗୁଁ କିସ୍‌ର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇପାରୁଛନ୍ତି ବୋଲି କହିଛନ୍ତି।

# ନାଲ୍‌କୋର ଏକବିଂଶତମ ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମରେ ଜଷ୍ଟିସ୍ ଦୀପକ୍ ମିଶ୍ରଙ୍କ ଯୋଗଦାନ




**ଭୁବନେଶ୍ୱର,(ପିଏନ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସ୍‌ନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ୪୩ତମ ପ୍ରତିଷ୍ଠାଦିବସ ଶନିବାର କମ୍ପାନୀର ବିଭିନ୍ନ ଉତ୍ପାଦନ କ୍ଷେତ୍ର ଓ ଆଂଚଳିକ କାର୍ଯ୍ୟାଳୟ ଏବଂ କର୍ପୋରେଟ ମୁଖ୍ୟାଳୟରେ ପାଳିତ ହୋଇଯାଇଛି। ନାଲ୍‌କୋ ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲ୍‌କୋର ଉତ୍କର୍ଷ ଯାତ୍ରାକୁ ମନେ ପକାଇ ନାଲ୍‌କୋ ଏକବିଂଶତମ ବକ୍ତୃତା ଶୃଙ୍ଖଳ ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ମାନ୍ୟବର ଦୀପକ୍ ମିଶ୍ର ଯୋଗ ଦେଇଥିଲେ। ଏହି ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମରେ ଜଷ୍ଟିସ୍ ମିଶ୍ର 'ପ୍ରଭାବୀ ନେତୃତ୍ୱ; ସୁଦୃଢ଼ କର୍ପୋରେଟ ଗଭର୍ଣ୍ଣାନ୍ସ ପାଇଁ ଦୂରଦୃଷ୍ଟି, ଦୃଢ଼ ଇଚ୍ଛାଶକ୍ତି ଓ ଦକ୍ଷତା ଜରୁରୀ' ଶୀର୍ଷକ ବିଷୟ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ନାଲ୍‌କୋର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଜଷ୍ଟିସ୍ ମିଶ୍ର ଏହାର କର୍ମଚାରୀଙ୍କ ସାମୂହିକ ଉଦ୍ୟମକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ; ନାଲ୍‌କୋ ଆଗାମୀ ଦିନରେ ଏହି ଉତ୍କର୍ଷତାପୂର୍ଣ୍ଣ ଯାତ୍ରାକୁ ବଜାୟ ରଖିବା ସହ ଭବିଷ୍ୟତରେ ନୂତନ ମାଇଲଖୁଂଟ□ ସ୍ଥାପନ କରିବ ବୋଲି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ନାଲ୍‌କୋର ସିଏମ୍‌ଡି ଶ୍ରୀ ଶ୍ରୀଧର ପାତ୍ର ଉଦ୍‌ବୋଧନ ଦେଇ ନାଲ୍‌କୋର ଉତ୍କର୍ଷତା ହାସଲରେ କର୍ମଚାରୀଙ୍କ ସାମୂହିକ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଶ୍ରୀ ପାତ୍ର ତାଙ୍କର ସ୍ୱାଗତ ଅଭିଭାଷଣରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ୍ ମିଶ୍ରଙ୍କୁ ଏକବିଂଶ ସଂସ୍କରଣକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ, ସିଭିଓ, କମ୍ପାନୀର ବହୁ ପୂର୍ବତନ ସିଏମ୍‌ଡି, ପୂର୍ବତନ କର୍ମଚାରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ପିଏସ୍‌ୟୁର ବରିଷ୍ଠ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଆଭାସି ମାଧ୍ୟମରେ ମଧ୍ୟ ପ୍ରସାରଣ କରାଯାଇଥିଲା। ଆୟୋଜିତ ଏହି ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମରେ ନାଲ୍‌କୋର ସମସ୍ତ ୟୁନିଟ୍‌ର କର୍ମଚାରୀମାନେ ଅଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

# ବିନ୍ଦୁ ସାହିତ୍ୟ ସମାଜର ଅଷ୍ଟମ ସାରସ୍ୱତ ସମାରୋହ



**ଭୁବନେଶ୍ୱର,(ପିଏନ)-** ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ସଭାଗୃହଠାରେ ବିନ୍ଦୁ ସାହିତ୍ୟ ସମାଜର ଅଷ୍ଟମ ସାରସ୍ୱତ ସମାରୋହ,ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇ ଅଛି। ଶ୍ରୀମତୀ ସସ୍ମିତା ଚୌଧୁରୀଙ୍କ ବେଦପାଠ ପରେ ଉତ୍ସବ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ତାଙ୍କ ଆଦ୍ୟ ଭାଷଣରେ ଆଜିର ଯୁବ ସାହିତ୍ୟିକମାନେ ସମାଜ କଲ୍ୟାଣ ମୂଳକ ଲେଖା ଲେଖିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ବାଉରିବନ୍ଧୁ ଲେଙ୍କା ବିନ୍ଦୁ ସାହିତ୍ୟ ସମାଜର ଗଠନ ଓ ଏହାର ଆଭିମୂଖ୍ୟ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିରୁପେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଓଡିଆ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ନିଜର ସାର ଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଜିର ଯୁବପିଢି ବଳିଷ୍ଠ ମୌଳିକ ରଚନା ବଳରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଆହ୍ୱାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଦୁର୍ଗା ଚରଣ ଷଡଙ୍ଗୀ ବିନ୍ଦୁ ସାହିତ୍ୟ ସମାଜର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉତ୍ସବରେ କବୟତ୍ରୀ ସୁନନ୍ଦା ବି.ମହାପାତ୍ରଙ୍କର 'ଝଞ୍ଜାବର୍ତ୍ତ', ସୁଷମା ପରିଜାଙ୍କ 'ଅଭିସାରିକା ଓ ଅନ୍ୟାନ ଗଳ୍ପ' ଓ ସସ୍ମିତା ଚୌଧୁରୀଙ୍କ 'ଶେଫାଳିର ସ୍ୱପ୍ନ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସମ୍ମାନୀତ ଅତିଥି ଦୁର୍ଗାଚରଣ ଷଡଙ୍ଗୀ, ଗାଳ୍ପିକା ସୁଷମା ପରିଜାଙ୍କ 'ଅଭିସାରିକା ଓ ଅନ୍ୟାନ ଗଳ୍ପ' ର ସମୀକ୍ଷା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଶ୍ରୀ ପ୍ରଦୀପ ରାଏ ସୁନନ୍ଦା ବି. ମହାପାତ୍ରଙ୍କ 'ଝଞ୍ଜାବର୍ତ୍ତ'ର ସମୀକ୍ଷା କରିଥିଲେ। କବୟତ୍ରୀ ସସ୍ମିତା ଚୌଧୁରୀଙ୍କ 'ଶେଫାଳିର ସ୍ୱପ୍ନ'କୁ ସମୀକ୍ଷା କରିଥିଲେ ଡଃ ଶଶୀ ଭୂଷଣ ମହାପାତ୍ର। ସଂଗଠନ ସଂପାଦକ ଅରୁଣ କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ସମ୍ପାଦକ ବିଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କବୟତ୍ରୀ ଅମ୍ବିକା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡଃ ଶଶୀ ଭୂଷଣ ମହାପାତ୍ର। ଏହାପରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ, ସ୍ୱପ୍ନା ବେହେରା, କେ.ବିପ୍ଳବ, ଭକ୍ତ ମଲ୍ଲ। ଏଥିରେ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଓ ଅନ୍ୟାନ ଗଳ୍ପ' ର ସମୀକ୍ଷା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଶ୍ରୀ ପ୍ରଦୀପ ରାଏ ସୁନନ୍ଦା ବି. ମହାପାତ୍ରଙ୍କ 'ଝଞ୍ଜାବର୍ତ୍ତ'ର ସମୀକ୍ଷା କରିଥିଲେ। କବୟତ୍ରୀ ସସ୍ମିତା ଚୌଧୁରୀଙ୍କ 'ଶେଫାଳିର ସ୍ୱପ୍ନ'କୁ ସମୀକ୍ଷା କରିଥିଲେ ଡଃ ଶଶୀ ଭୂଷଣ ମହାପାତ୍ର। ସଂଗଠନ ସଂପାଦକ ଅରୁଣ କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ସମ୍ପାଦକ ବିଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କବୟତ୍ରୀ ଅମ୍ବିକା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡଃ ଶଶୀ ଭୂଷଣ ମହାପାତ୍ର। ଏହାପରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ, ସ୍ୱପ୍ନା ବେହେରା, କେ.ବିପ୍ଳବ, ଭକ୍ତ ମଲ୍ଲ। ଏଥିରେ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

# ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯାଜପୁରର ସୌମ୍ୟାଶ୍ରୀଙ୍କ ସଫଳତା




**ଦାନଗଦୀ (ପି.ଏନ୍):** ଯାଜପୁର ଏନ୍ ସି ହାଇ ସ୍କୁଲର ଛାତ୍ରୀ ସୌମ୍ୟାଶ୍ରୀ ସ୍ନେହା ଦାଶ ଟାଟ ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) କାର୍ଯ୍ୟକ୍ରମରେ ଅନ୍ୟତମ ବିଜେତା ଭାବେ ଘୋଷିତ ହେବା ସହିତ ଯାଜପୁର ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ୩୫୩୭ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲାରୁ ଚୟନ ହୋଇଥିବା ଶ୍ରେଷ୍ଠ ୨ ଜଣ ବିଦ୍ୟାର୍ଥିଳ ମଧ୍ୟରେ ସ୍ଥାନ ପାଇ ଓଡ଼ିଶାର ଶ୍ରେଷ୍ଠ ୬୦ ଜଣ ଫାଇନାଲ୍ ପ୍ରତିଯୋଗୀଙ୍କ ତାଲିକାରେ ନିଜ ନାମ ସାମିଲ କରିପାରିଥିଲେ। ଏହାପରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଠାରେ ଆୟୋଜିତ ଫାଇନାଲ ରାଉଣ୍ଡରେ ଓଡ଼ିଶାର ଶ୍ରେଷ୍ଠ ୨୦ ଜଣ ବିଜେତାଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିଲେ।

କେମ୍ବ୍ରିଜ୍‌ର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ମ୍ୟାନେଲ୍ ଫାଉଣ୍ଡେସନ କମ୍ପ୍ଲେକ୍ସିଟି ଫେଲୋ ତଥା ବର୍ତମାନ ହାଭାର୍ଡ ସେ ସାଇଟିର ଫେଲୋ, ୨୦୦୯ର ୟାଟ୍ସ ବିଜେତା (ଆଲୁମ୍ନସ) ଡକ୍ଟର ଅଂଶୁମାନ ସାଇଁ ଅନ୍ୟ ବିଜେତାମାନଙ୍କ ସହିତ ସୌମ୍ୟାଶ୍ରୀଙ୍କୁ ସମ୍ମାନିତ କରିଥିଲେ। ଯାଜପୁର ଜିଲ୍ଲା ଟମକା ର ସରକାରୀ ହାଇ ସ୍କୁଲର ବିଦ୍ୟାର୍ଥୀ କୁନି ହାଇରୁ ମଧ୍ୟ ଶ୍ରେଷ୍ଠ ୬୦ ମଧ୍ୟରେ ସ୍ଥାନ ପାଇଥିଲେ ଏବଂ କାର୍ଯ୍ୟକ୍ରମର ଶେଷ ଦିବସରେ ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶୁଭେନ୍ଦୁ କିଶୋର ଦାଶ ଏବଂ ପୁଷ୍ପଲତା ଦାଶଙ୍କ ଝିଅ ସୌମ୍ୟାଶ୍ରୀ ଏହି ମାନ୍ୟତାକୁ ନେଇ ବେଶ ଉଲ୍ଲସିତ। ସେ କହିଛନ୍ତି ଯେ,"ପୂର୍ବରୁ ମୁଁ ଡାକ୍ତର ହେବାକୁ ଯୋଜନା ରଖିଥିଲି, ମାତ୍ର ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ)ରେ ଅଂଶଗ୍ରହଣ କରିବା ପରେ ମୁଁ ଭବିଷ୍ୟତରେ ଜଣେ ଜ୍ୟୋତିର୍ବିଜ୍ଞାନୀ ହେବାକୁ ଚାହୁଁଛି। ସମ୍ପୂର୍ଣ୍ଣ ଅନୁଭୂତି ବହୁତ ଭଲ ଥିଲା। ମୁଁ ମହାକାଶ ବିଜ୍ଞାନ ଏବଂଜ୍ୟୋତିର୍ବିଜ୍ଞାନ ବିଷୟରେ ବହୁତ କିଛି ଶିଖିପାରିଛି। ଏହି ସୁଯୋଗ ମୋତେ ପ୍ରଦାନ କରିଥିବାରୁ ଟାଟା ଷ୍ଟିଲଙ୍କୁ ଧନ୍ୟବାଦ। ଏହା ମୋ ପାଇଁ ସପ୍ନ ସତ ହେବା ଭଳି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray